ରମଣୀଏ ଜାଣନ୍ତି । କିନ୍ତୁ ଏହା ସମସ୍ତେ ଜାଣନ୍ତି ଯେ ରାଜା ମହାରାଜା-ମାନେ ବଡ଼ ବଡ଼ ହୀରା, ପାନ୍ନା, ମୋତି, ମାଣିକ୍ୟ ଲୋଡ଼ିଲାପରି ଭୂଇଁଆଣୀଏଁ କାଚ ପଥର ମାଳି, କଂସା, ପିତଳ, ଖଡ଼ୁ, ବଳା ଲୋଡ଼ିଥାନ୍ତି । ଯେ ଯେତେ ଥିଲା ଲୋକ ତାହାର ସେତେ ଆକାଂକ୍ଷା କିଣି ପାରିଲେ ଦୁଇ ଘୁଣି କଥା ପାଇବାକୁ ଦୁର୍ବଳା ଅବଳା କାତର ନୁହଁନ୍ତି । କିନ୍ତୁ ସୁଦ୍ଧା ସୌନ୍ଦର୍ଯ୍ୟ ମନୁଷ୍ୟଙ୍କୁ ଅଳଙ୍କାରର ଲୋଡ଼ନ ନାହିଁ । ମନକୁ ଯାଚି ନେଉଥିଲା ଭଳି ଚନ୍ଦ୍ରମୁଖୀ ନାହିଁ । ଶୁଣ ବୁଢ଼ବିତଙ୍କ ପରି ତାଙ୍କ ଜ୍ୟୋତି ନାହିଁ । ମାତ୍ର ବସନ୍ତ ଯେଉଁ ନାନାବିଧ ଲୋକୀତ ମାନରେ ଆବୃତ, ତାହା ରମଣୀବୃନ୍ଦ ଗତି କଲାବେଳେ ଇନ୍ଦ୍ର-କୋଦଣ୍ଡ-ଭୂଷିତ ଜଳମାଳା ପରି ଲୀଳା ଖେଳା କରୁଛି । ଅଳଙ୍କାର ସୁନ୍ଦର ଅସୁନ୍ଦର କରୁ କି ଊଣା ପାତ କରୁ, ପ୍ରକୃତି ସବୁ ଭୂଇଁଆଣୀଙ୍କ ମୁହଁ ଗୋଟିଏ ଛାଞ୍ଚରେ ଗଢ଼ିଲା ପରି ଦେଖାଯାଏ । ସମସ୍ତଙ୍କ ଲଲାଟ, ନାସିକା, ନୟନ, ଭ୍ରୂଲତା, ଅଧର, ଚିବୁକ ଏକାପରି । ଏଥିରେ ଆଖି ପଡ଼ିଲେ ଭୂଇଁଆଣୀ ନୁହନ୍ତି ବୋଲି ଭ୍ରମ ହେବାର ସମ୍ଭାବନା ନାହିଁ । ତଥାପି ପ୍ରକୃତି କାଳର ମହିମାକୁ ଜିଣିପାରି ନାହିଁ । ବାଳିକା, ଯୁବତୀ, ପ୍ରୌଢ଼ା, ବୃଦ୍ଧାଙ୍କ ମଧ୍ୟରେ ଯେ ପ୍ରଭେଦ, ତାହା ଦୃଷ୍ଟିମାତ୍ରରେ ବୋଧଗମ୍ୟ । ସମସ୍ତଙ୍କ ପଛକୁ ପକାଇ ଯୁବା କାଳ ଆଗଭର ହୋଇ ରହିଅଛି । ପୁଣି ଏମାନେ ଭୂଇଁଆଣୀ ବୋଲି ମନେ ନ ହେବ ଯେଉଁ ସୌନ୍ଦର୍ଯ୍ୟଲାବଣ୍ୟ-ମାଧୁର୍ଯ୍ୟ ପ୍ରକୃତିରେ ନେପାଳୀ, ଭୋଟାନୀ, ଇହୁଦୀ, ଜାପାନୀ, ଚୈନିକୀ, ବଙ୍ଗାଳୀଙ୍କି ଭୂଷିତ କରିଥାଏ, ତାହାଁରେ ମୁକ୍ତହସ୍ତ । ତଥାପି ଯୌବନର ଅସ୍ଥିର ପଣିଆ ଲୁଚି ନାହିଁ । ପାଞ୍ଚ ଆଙ୍ଗୁଠି ସମାନ କରି ଦେଖି ନାହିଁ । ସବୁଠାରୁ ତନାମାନୀ ତାହାର ବିଶେଷ ଅନୁଗ୍ରହର ପାତ୍ର ପରି ଦେଖାଯାଏ ।

ସେ ତିନ ସରଦାରର ଝିଅ । ଏଣିକି ପୁଣି ସାଧୁ ସରଦାରର ବଡ଼ ବୋହୂ । ଏଥିପାଇଁ ସେ ବିଶେଷ ଅନୁଷ୍ଠାନମାନ କି ନା ତାହା ସୌବନ ଜାଣେ । କିନ୍ତୁ ତାକୁ ସାନ ବଡ଼ ସବୁ ଭୂଇଁଆଣୀଏ ଆଗ କରିଛନ୍ତି । ଦଳରେ ବଧାଣ ଗାଈ ବା ନାହୁଆ ଗୋଷ୍ଠରେ ଶିଙ୍ଗାଆଣା ପରି ହୋଇଛି । ତଥାପି ସେ ଏଡ଼ିଲେଇ ନ ହୋଇ କାହିଁ କେନେ କାଦଳୀ ତଳ ନଇଁ ଟେଡ଼ିଲାପରି ଦେଖାଯାଉଛି । ଆଗରୁ କହିବାକୁ ସେ ଡରକରି ନୁହଁ । ତାହା ପଛରେ ରହିବାକୁ ସବୁରି ଚେଷ୍ଟା । ଯାହା ଆଗ ତାହା ସବୁ ତାହା ହାତରେ, ସେହି ଅନୁସାରରେ ସେ ହୁମୁ ପଞ୍ଚନାୟକଙ୍କ ସାମ୍ନାରେ ଭୂଇଁ ଲଟି ଅନ୍ୟଜଣଙ୍କ ହାତରୁ ପିଡ଼ା ନେଇ ଥୋଇଲା । କିନ୍ତୁ ସେ ସ୍ଥାନ ଦେବା ଆବଶ୍ୟକ ତାହା ଦେଖାଇ ଦେଲା । ଜଣାଶୁଣା ରୀତି ଅନୁସାରରେ ହୁମୁ ପଞ୍ଚନାୟକ ପିଡ଼ା ଉପରେ ଠିଆ ହେଲେ । ଲନାମାନେ ପ୍ରଭୃତି ମିଶି ତାଙ୍କ ଗୋଡ଼ରେ ହଳଦୀ ପାଣି ଢାଳିଦେଲେ । ସମସ୍ତେ ହୁଳାହୁଳି ଦେଇ ବନ୍ଦାପନା ସାରି ତଳଅଟରେ ଠେଙ୍ଗା ଦଉଡ଼ି, ଖଇର ପଟିଆ, ବୋଇତ କଖାରୁ, କନ୍ଦମୂଳ, ପାଦାଡ଼ିଆ ଗୁଡ଼ି ପ୍ରଭୃତି ସାମ୍ନାରେ ରଖି ଜୁହାର କରି ଠିଆ ହେଲେ ।

ହୁମୁ ପଞ୍ଚନାୟକ ତଳଅଟରୁ ଠେଙ୍ଗା ଦଉଡ଼ି ଉଠାଇ ନେଇ କାନ୍ଧରେ ଗୁଡ଼େଇ ରଖିଦେଲେ । ପୁଣି ପିଡ଼ାରୁ ଓହ୍ଲାଇ ଥାଳି ଖଇର ପଟିଆ ପ୍ରଭୃତି ତାଙ୍କ ଘରଠାକୁ ପଠାଇ ଦେବାକୁ ସରଦାରଙ୍କୁ କହିଲେ । ତେବେଣ ସରଦାରଙ୍କ ବୋହୂ ଠେଙ୍ଗା ଗୁଡ଼େଇ ଉଠାଇ ନେଇ ଆଉମାନଙ୍କ ସଙ୍ଗ ପୂର୍ବ ପରି ଠିଆ ହୋଇ ରହିଲେ । ଏହା ଏକ ପ୍ରକାର ଅଭ୍ୟର୍ଥନା । ଏଥିପାଇଁ ସଭା ସମିତି ନାହିଁ, ସ୍ୱସ୍ତିଶ୍ରୀରେ ଅଭ୍ୟର୍ଥନା ପତ୍ର ନାହିଁ, ପାର୍ଚମେଣ୍ଟ କାଗଜରେ ସୁନାର ମାଣିକ୍ୟ

ଝୁରୁ ନାହିଁ, କାରୁକାର୍ଯ୍ୟଶୋଭିତ ପଶାଧାର ନାହିଁ । ଏ ପାଖରୁ ବା ସେ ପାଖରୁ ସୂତ୍ର ପ୍ରସୂତ ବାହାରେ ନାହିଁ, ଧନ୍ୟବାଦର ଆଦାନ ପ୍ରଦାନ ନାହିଁ । ଖଜୁରି ପଟିଆ ପ୍ରଭୃତି ଗ୍ରାମ୍ୟ ପାଠଶାଳୁକଙ୍କ ଗ୍ରାମଟିରେ ରହିଛି । ପୁଣି ସେ ରାଜ ଦରବାରର ଲୋକ । ସୁନାପଇତା, ପାଟପୀତାମ୍ବର, ଧାଡ଼ି, ଢୋଡ଼ୀ ଲୋଟି ଦେଖିଛନ୍ତି । ଏହା ମଧ୍ୟ ଜାଣନ୍ତି ଯେ ଭୁଲିଆମାନେ ଏହାପରି ଅଭ୍ୟର୍ଥନା କରି ଆସୁଅଛନ୍ତି । ସେଇ ଶାସ୍ତ୍ରରେ ପୁରାଣରେ ଶୁଣିଛନ୍ତି ଓ ପଢ଼ିଛନ୍ତି ଯେ ଭକ୍ତପ୍ରିୟ ଭଗବାନ ରାମ କୃଷ୍ଣ ରୂପେ ଶବର ଶବରୁଣୀଙ୍କ ଫଳ ମୂଳ, ଗୋପାଳ ପୁଅଙ୍କ ତଖାଡ଼ୋକା, ବିଦୁରଙ୍କ ଖୁଦ ଶାଗରେ ଗ୍ରହଣ କରି ବଡ଼ ପ୍ରୀତ ହୋଇଥିଲେ । ଏଣୁକରି ଭକ୍ତ ବଡ଼ କି ସୁନା ରୂପା ଗୁଡ଼ ନାଳା ବଡ଼ ସେ ଜାଣନ୍ତି । କାପଡ଼ ଅଭ୍ୟର୍ଥନା ଭଲ ବା ମନ୍ଦ ତାହା ଭୁଲିଆ ଜାଣନ୍ତି କିମ୍ବା ତାହା ସେ ଗ୍ରହଣ କରନ୍ତି ସେ ଜାଣନ୍ତି । ସେମାନଙ୍କ ମନ କଥା ହେବ କଳ୍ପନା କଳ୍ପନାର ପ୍ରୟୋଜନ ନାହିଁ । ଯାହା ମନ କଥା ଲୋଡ଼ା, ତାହା ଆଡ଼କୁ ଦୃଷ୍ଟି ଦିଆଯାଉ ।

ବିଦାୟନା ପାଇଁ ଭୁଲିଆଣୀଏ ଠିଆ ହୋଇ ରହିଲେ । କିନ୍ତୁ ଗ୍ରାମ୍ୟ ପାଠଶାଳାଙ୍କ ଗ୍ରାମଟିରେ ଯେମା ଯେପରି ଥିଲେ ସେପରି ନୁହେଁ । କେହି ଓହ୍ଲାଇ ଯୋଡ଼ହାତ ହୋଇ ମୁରୁକି ମୁରୁକି ହସି ଅନ୍ୟ ସଙ୍ଗେ କଥା କହୁଛି; କେହି ଠୋ ଠୋ କରି ହସି ଉଠୁଛି, ଜଣେ ହସି ହସି ଆଉ ଜଣଙ୍କ ଉପରକୁ ଢଳି ପଡୁଛି । କେହି କେତେବେ ପରକୁ ମୁହଁ ଫେରାଇ ହସୁଛି, କେହି ତଳକୁ ମୁହଁ ପୋତୁଛି । ସେମାନଙ୍କ ମନଭିତର କଥାବାର୍ତ୍ତା ସେମାନେ ଜାଣନ୍ତି । ସମସ୍ତଙ୍କ ପରି ମଧ୍ୟ ଚନ୍ଦ୍ରମାଳୀ ଏହିପରି କରୁଛି । କିନ୍ତୁ ସେ ଶରଦ ଯାମିନୀର ନକ୍ଷତ୍ରମାଳା ମଧ୍ୟରେ ପୂର୍ଣ୍ଣ ସୁଧାକର ବା କଳିକା ବଣାଖାଙ୍କ

ମଧ୍ୟରେ ବୃଦ୍ଧଗଣନ୍ତୁ ଜେମାଙ୍କ ପଣ୍ଡ ଦେଖାଯାଉଛନ୍ତି । ତଥାପି ଶ୍ୟାମ ଚନ୍ଦ୍ରନାଥଙ୍କ ମନ ମୋହିବା ପାଇଁ ସେ ଏପରି କରିବା ଜଣାଯାଉ-ନାହିଁ । ସେ ଜାଣେ ଯେ ସେ ସରଦାରର ଝିଅ, ସରଦାରର ବୁଆ ହେବାକୁ । ତାହା ସ୍ୱାମୀର ମୂର୍ତ୍ତି ଯୌବନ । ତାକୁ ସମସ୍ତେ ଭଲ କହିଥାନ୍ତି । ପୁଣି ଭୁଇଁଆଣୀ ଦୋଷକ୍ରୁଟୀ ହେଲେ ତାହାର ଖାଇଁବା ଠାରୁ ମରିବା ଭଲ । ଏଣେ ଶ୍ୟାମ ଚନ୍ଦ୍ରନାଥଙ୍କ ପରିଭୂତା । ତାଙ୍କ ଜାତି ହିନ୍ଦୁ । ଏଠାରେ ସେ କାଳାଙ୍କ ମଧ୍ୟରେ ଥିଲା । ତାଙ୍କ ମଧ୍ୟରେ ବ୍ରାହ୍ମଣ ପଣ । ସୁତରାଂ ଜେମାମାନଙ୍କୀ ବା ଅନ୍ୟ ଭୁଇଁଆଣୀଙ୍କ ସଙ୍ଗ ଖେଳ କଥାବାର୍ତ୍ତା ପ୍ରଭୃତି ଦ୍ୱାରା ଶ୍ୟାମ ଚନ୍ଦ୍ରନାଥଙ୍କର ମନ ନାହିଁ କି ମଣୁନ ନାହିଁ । ଏଥିରେ ଯେ ଭୁଇଁଆଙ୍କର ଆପତ୍ତି ନାହିଁ ତାହା ସ୍ପଷ୍ଟ ଦେଖାଯାଉଛି ।

କିନ୍ତୁ ଏଥିରେ କାହାର ମନରେ କିଛି ସୁଖ ଦୁଃଖ ହେଉଛି କି ନା ତାହା ଭୁଇଁଆମାନେ ଜାଣନ୍ତି । ତାହା ଅନୁମାନ କରାଯାଇ ନ ପାରେ । କାରଣ ସବୁ ଭୁଇଁଆ ଭୁଇଁଆଣୀଙ୍କ ପରସ୍ପର ସମ୍ବନ୍ଧ ଜଣା ନାହିଁ । କେବଳ ଶ୍ୟାମା ଜେମାମାନଙ୍କୀ ଚିତ୍ତ ଯଉଁଥିବା ମାଧ ଯୋଡ଼ା ଭବ ଏକ ବଦେଶ ଜଣାଅଛି । ସେ ଦୁହିଁଙ୍କ ବିବାହ ହେବା ପ୍ରସ୍ତାବ ସେଠାରେ ହୋଇଥିଲା । ଏବେ ଜେମାମାନଙ୍କୀ ବାଣାଶୁରଙ୍କୁ ବାହା ହେଲାଣି । ଏଥିରେ ଜେମାମାନଙ୍କୀ ବା ବାଣାଶୁର କିଛି ପ୍ରକାଶ କରି ନାହାନ୍ତି । କେବଳ ସାଧୁ ସରଦାରର ଇଚ୍ଛାନୁସାରେ ଏହା ହୋଇ-ଅଛି । ଆଜ ହେଲେ ବି ଜଣେ ସରଦାରର ସରଦାରୀ ପାଇବାର ଶ୍ୟାମାର ଯେଉଁ ଆଶା ଥିଲା, ତାହା ଆଉ ନାହିଁ ।

ରାତ୍ରିରେ ସବୁ ଶ୍ୟାମା ଦୁଃଖରେ ବୁଡ଼ିରେ ଥାଏ । ଜେମାମାନଙ୍କୀ ଏବଂ ଅଜାଣେଜପକାଳେ ଦେଖେ ସୁଏ । ଆଜପର ବାଘ

ଉପସ୍ଥିତରେ ଶ୍ୟାମା ଚନ୍ଦ୍ରମାଳୀଙ୍କର ମୁହାଁମୁହିଁ କେବେ ଘଟି ନ ଥିଲା । ସୁତରାଂ ଶ୍ୟାମା ମନରେ କିଛି ହେବାର ସମ୍ଭାବନା । ଏହା ବୋଲି ଯେ ସେ ବାପ କନ୍ୟା ଚନ୍ଦ୍ରମାଳୀ ଆଡ଼କୁ ଚାହିଁ ରହିଛି ତା ନୁହେଁ । ଭ୍ରୂ ନାଯା, ଅଧର ସ୍ଫୁରିତ ମଧ୍ୟ କିଛି ପ୍ରକାଶ କରୁ ନାହାନ୍ତି । ତାହାର ମନ କିଛି ହେଉଅଛି କି ନା ସେ ଜାଣନ୍ତି, ବାହାରୁ କିଛି ଜଣାପଡ଼ୁ ନାହିଁ । ତାହା ମନ ଏପରି କେତେ କାଳ ଲୁଚି ରହିବ ଦେଖାଯାଉ ।

ଶ୍ୟାମା ମନ କଥା ଯେତେବେ ପ୍ରକାଶ ପାଉ, ସେପରି ଜେଣିକି ଶ୍ୟାମୁ ପଟ୍ଟନାୟକଙ୍କର ଡର ନାହିଁ । ତାଙ୍କ ନିଜ ଓ ଭିଆଣର ସୁନା ବଳା, ଚୁଡ଼ିବଳା, ଖଟ ପଲଙ୍କ, କାନ୍ଥ ବାଡ଼ ପ୍ରଭୃତି ସରଦାରେ ଓ ସରଦାରଙ୍କର ଓ ଟୀର ଧାଙ୍ଗଡ଼ା, ଧାଙ୍ଗଡ଼ୀ, କୁଳୁଙ୍ଗୀ, ମାଙ୍କଡ଼, ଚଣ୍ଡାଳ, ସେଣ୍ଡା ଶ୍ୟାମୁ ପଟ୍ଟନାୟକ ସଙ୍ଗୋଳ ସାହିଲରୁ କହିଲେ, “ସରଦାରେ ! ଜଙ୍ଗଲରେ ରହିବା ପାଇଁ ତୋ ପୁଅକୁ ଗୋଟିଏ ଦେବାକୁ ଶ୍ୟାମୁ ଆଜ୍ଞା ହୋଇଛି ।”

ସାଧୁ—“ଶ୍ୟାମୁ ଗହଣ ଭଲ ମୋର ପୁଅ କାହିଁ ?”

ଶ୍ୟା—“ବାଣା ଆଉ ସୁମା ।”

ସା—“ସେ ଝୁଅ ଧରିଛା ଘଡ଼ ଖାଇ ଜାଣିନାହାନ୍ତି ।”

ଶ୍ୟା—“ତାଙ୍କୁ ଶ୍ୟାମୁ ଦେଖିଛନ୍ତି । ଆଉ ତାଙ୍କ କଥା ଶୁଣିଛନ୍ତି । ସେ ନୁହେଁ ଝୁଅ କାହିଁକି ହୁଅନ୍ତେ ?”

ସାଧୁ—“ଯାହାଙ୍କର ବାପ ମା ଅଛନ୍ତି, ସେ ଝୁଅ ନୁହନ୍ତି ଆଉ କଅଣ ?”

ଶ୍ୟା—“ଝୁଅ ହେଲେବି ଯେତେବେଳେ ଗହଣରେ ରଖିବାକୁ ଶ୍ୟାମୁର ଆଜ୍ଞା ହୋଇଛି ସେତେବେଳେ ଏଥିକୁ ବଳି ଆଉ କଥା ଅଛି ?”

ସା—“ତୁ ଯେତେବେ ସୁନା ପଞ୍ଜୁରିରେ ଶୁଆଟାଏ କି ସାଳୁଣ୍ଟାଏ ରଖିବୁ, ସେ ବାଡ଼ ପାଇଲେ ଉଡ଼ିଯିବ ନାହିଁ କି ତାକୁ ଦେଖି

ଆଜି ଶୁଆ ସାରୀ ଆସି ପଞ୍ଜୁରୀରେ ଆପେ ଆପେ ପଶିଯିବେ ?
ତମ କଥା ଶୁଣେ ଆମ କଥା ଶୁଣେ ?”

ଛୁ—“ସେତେବେଳେ ଛୁମୁଙ୍କର ମନ ହୋଇଛି ସେ ଗୋଟିଏ ହେବେ । ତେବେ ଏତେବେଳେ ସାହାକୁ ସୁଖ ପାଅ ତାକୁ ପାଖରେ ରଖିନେଲେ ଭଲ ହେବ ନାହିଁ ?”

ଶ୍ୟା—“ବାପ ମାଙ୍କୁ ସକଳ ସୁନ୍ଦର ଦେଖିଆଛି ସେପରି ହାତ ଗୋଡ଼ ବାଆଲ ଛଣ୍ଡିଆଛି ସେପରି । ସେ ଛୁଆ ଦାଣ୍ଡି ଦାଣ୍ଡି ଆଗରେ ଦୂର ଥିବି ମୁଁ—”

ସାଆର କଥା ନସରୁଣୁ ଶ୍ୟାମା କହିଲା ‘ବା’ ମୁଁ ଯିବି ତୁ ମନା କରନା ।”

ଶ୍ୟା—“ତୁ ଛୁଆଟା କି ଜାଣୁ ? ତୁ ଯିବୁ, ଆମେ କି କରିବୁ ?”

ଶ୍ୟା—“ଯାଇ ଅଛି—”

ଶ୍ୟା—“ସେ ଦେଇଲାକୁ କଅଣ ହେଲା ? ଚୋର ପରି ସେ ଛୁଆଟାଏ ନା ଆଉ କଅଣ ?”

ଛୁ—“ଛୁମୁ ଆଜି ରାଣୀ । ଶ୍ୟାମା ବି ରାଣୀ ହେଲାଣି । ସାଥେ ସାଥେ ନେଇଯିବାକୁ ଛୁମୁର ଆଜ୍ଞା ହୋଇଛି । ସେ ନୋ ପାଖରେ ଗୁଲ୍ ଏ ଦିନେ ଦେଖାଇବ ।”

ଛୁମୁ ପଟ୍ଟନାୟକଙ୍କ କଥା କହିବାକୁ ଅନ୍ୟ ଭୂଇଁଆଏ ବି କହିଲେ । ତାହା ଦେଖି ଶୁଣି ଶ୍ୟାମା ମଧ୍ୟ ରାଜି ହେଲା । ଘରଦାର ଅବସ୍ଥା ସମ୍ମତ ହେଲେ । ମନ କଥା ଜାହାରିକି କହି ନ କହି ଶ୍ୟାମା ଛୁମୁ ପଟ୍ଟନାୟକଙ୍କ ଅନୁଗାମୀ ହେଲା । ଅନ୍ୟ ଭୂଇଁଆ ଭୂଇଁଆଣୀଏ ଆପଣା ଆପଣା କାମ ଧରିଲେ । ସେମାନେ ମନ କଥା ସେମାନେ ମନରେ ରଖିଲେ ।

# ଚତୁର୍ଥ ପରିଚ୍ଛେଦ

କୋଟିକେ ଗୋଟିଏ ଅଜାଣତେ ସଜ୍ଞାନେ ଓଳଗି ହେଉଛନ୍ତି ବା ନ ହେଉଛନ୍ତି, ତହିଁରେ ବଡ଼ ଦେଉଳ ବାନାର କିଛି ଅସୁମାଙ୍କି କ ଯାଉନାହିଁ । ଏସ ଖରୁ ବରଷା ଦିନରାତି ସବୁବେଳେ ଆପଣା ମନକୁ କେବେ ଭନ୍ଦୁଛି, କେବେ ହସୁଛି, କେବେ ଗାଳଦେଇ ଉପରେ ପଡ଼ି ରହୁଛି । ବାହାରେ ବାନା ଯେପରି ଭିତରେ ଠାକୁରେ ସେହିପରି । କେହି ସ୍ୱାଗ ଦେଉ ବା ନ ଦେଉ ଠାକୁରେ “ଦାରୁଭୂତୋ ମୁରାରି” । ଯେ ନୂଅଙ୍ଗରୁ ଅଳଙ୍କାର ବେଶେଇ ନେଉଛନ୍ତି ତାହାର କଅଣ କରୁଛନ୍ତି କାମ୍ଭ ଯେ ହାତରେ ବାଧା ଗାଧ ହୋଇ ସାହୁଙ୍କ ପ୍ରଶିହାର ହେଉଅଛନ୍ତି ତାହା ଜାଣି ଲୁଣ୍ଡି କ ଲୁଣ୍ଡି ହେଉଅଛନ୍ତି, ତାହା କହି ଜଣାଯାଉନାହିଁ । ନିତ୍ତଳ ସରବ ମୂର୍ତ୍ତି କିଛି କହିବା ନ କହିବା ଅଖି ଦେଖୁ ନାହିଁ, କାନ ଶୁଣୁ ନାହିଁ କି ନାକ ଜାଣୁ ନାହିଁ । ଏଥିରେ ସେ ଯାହା କହୁ ବା କରୁ ଆପଣ

ସେ ଅଛନ୍ତି ଯେ ମୁଣ୍ଡ ତଳେ ନ ଲଗାଇ ଯାଉ ନାହିଁ । ଠାକୁରେ ତ ଅଧିକର କଥା, ସେ ବେଢ଼ା ଭିତରକୁ ଯାଉଛନ୍ତି ସେ ସିଂହଦ୍ୱାରର ମୁଣ୍ଡ ନ ନୋଇଁ ଯାଉ ନାହିଁ । ସେ ଠାକୁରଙ୍କୁ କି ସିଂହକୁ ଜୁହାର ହେଉଛନ୍ତି ତାହା ସେ ଜାଣେ । କିମ୍ବା ଯେଉଁ ମହାପ୍ରଭୁ, ନଟିମା, ହନୁର ପ୍ରଭୃତିଙ୍କ ପ୍ରତିମାକୁ ରାତିଆ ଅର୍ଚ୍ଚନା ପ୍ରଭୃତି ଦର୍ଶନୀ ନ ପାଇଲେ ଫାଶ ପୂରାଇ ଦିଅନ୍ତି ନାହିଁ ସେମାନେ ଜାଣନ୍ତି । ସେ ଯାହାହେଉ ଲୋକେ ସିଂହଦ୍ୱାରେ ମୁଣ୍ଡ ନୁଆଁଉଛନ୍ତି । କିନ୍ତୁ ଦୋଳ, ଚନ୍ଦନ, ଶିବରାତ୍ରି, ଜନ୍ମାଷ୍ଟମୀ ପ୍ରଭୃତିରେ ସେ ଭିଡ଼ ଦେଖାଯାଏ ବର୍ତ୍ତିତ ଦିନ ସେ ଭିଡ଼ ଦେଖାଯାଉ ନାହିଁ । ସ୍ୱତଃସ୍ଫୂର୍ତ୍ତ ହେଲା ପରି କେହି ଦିଶୁ ନାହାନ୍ତି । ଅନୁରୋଧ ଉପରୋଧ ବା ଆଦେଶରେ ବେଢ଼ା ଭିତରକୁ ଗଲା ପରି ମନେହୁଏ ଦେଖା ଯାଉ-ଛନ୍ତି । ଆଉଣି ଆପଣା ସର୍ବ ବିବେଚନାରେ କେହି ମ.ଉବ ନୁହନ୍ତି । ନାନା ଲୋକଙ୍କ ମୁହଁରେ ନାନା କଥା ।

ରମା କହୁଛି ଯେ ତାହା ବାପ ଅନେକ ଦିନ ହେଲା ଆଜାର ଅଧିଆ ପଡ଼ିଛି । ମାଧୁଆ ଯେଉଁ ବଳଦ କିଣିଛି ସାଧୁଆ ତାହାର ପ୍ରଶଂସା କରି ଦାମ ପଚାରୁଛି । ରମା କହୁଛି ଯେ କାହିଁ ଖଜଣା ଦେବ ତାହା ତାକୁ ଦିଶୁ ନାହିଁ । ହରିଆ ରସିଦ ପାଇଁ ଟ୍ରୀଣ୍ଟ ଉଧାର ମାଗୁଛି । ମଧୁଆ କହୁଛି ଯେ ରଜ ପୂର ଅଣା ସୂଧ ଦେଉ ପଣ୍ଡିତ ବେବର୍ତ୍ତିଣୀ ଟଙ୍କା ଦେଉଛନ୍ତି ବୋଲି ଇଜତମହାଠ ରହୁଛି । ମଧୁ କହୁଛି ଗତବର୍ଷର ଯେ ଗଳ ଜାଆକୁ ଦେଇଥିଲା ବୋଲି ବାକୁଛି ତାହା ତାକୁ କାହିଁକି ଯିବନି ? ଏହା ଶୁଣି ବରିଆ କହୁଛି ଯେ ଉଜାଡ଼ର ଗଳ । ତାହିଁରେ ସୁନା ଲଗିଛି । ସତ୍ତା ହେଉନା ଅଟ୍ଟୁ ହେଉ ଗଡ଼ାଡ଼ର ରଙ୍ଗ ନ କାଶିଥିଲା ନ ଚଳେ ।

ଏହିପରି କଥାବାର୍ତ୍ତା ହୋଇ ସନ୍ଧ୍ୟା ବେଳା ଭିତରକୁ ଯାଉଅଛନ୍ତି । କେବେ କେବେ ଜଣେ ଅଧେ ଫେରୁଅଛନ୍ତି । ଆପଣା ଆପଣା କଥାରେ ଏପାଖ ସେପାଖ ନୋହିବାଯାଏ ଲୋକେ ଠାକୁରଙ୍କୁ ଧରି ଚାଲିଲା ପରି ବୋଧ ହେଉଅଛି । ଏମାନେ ସେ ମୂଲିଆ ମାନିଆଙ୍କ ପରି କେବଳ ଗରିବ ଲୋକ ତାହା ନୁହେଁ । ଏଥିରେ ଦଳେଇ, ଭଳବେହେରା, ନାୟକ, ଖଣ୍ଡନାୟକ, ସରଦାର, ତହସିଲଦାର ପ୍ରଭୃତି ସବୁ ପ୍ରକାର ଲୋକ ଅଛନ୍ତି । ସମେ ସମେ କରଣ, ନଅରି କରଣ, ପାଞ୍ଜିଆ, ଦଣ୍ଡପଣ୍ଡିତ, ପାଟଯୋଶୀ, ବ୍ରହ୍ମା, ସମ୍ପୁରି ପ୍ରଭୃତି ଆସି ମିଶୁଛନ୍ତି । ଏହିପରି ଆମ୍ଭ ଆସ୍ତୁ ରାଜ୍ୟର ବେବର୍ତ୍ତା ମଧ୍ୟ ଦେଖାଦେଲେ । ରାଜାଙ୍କର ଏ ଚଳନ୍ତି ପ୍ରତିମା । ଏହାଙ୍କର ହାବ୍ୟମାନରେ ଆତ୍ମମାନେ ତନ୍ମନ୍ତ୍ର ନ ନିକଟରେ ନଟଥ୍ୟାଉ । ଏହାଙ୍କୁ ଛାଡ଼ି ଆଖି ଆଉ ଅନ୍ୟ ଆଡ଼େ ଯାଇ ନ ପାରେ । ଅଧିକ କି ସ୍ୱୟଂ ପ୍ରକୃତି ଦେବୀଙ୍କ ସୃଷ୍ଟି ଏହାଙ୍କୁ ଏଡ଼ି ପାରିନାହିଁ । ଦେଖିବାକୁ ସୁଦର୍ଶ, ସବଳ, ସୁନ୍ଦର ପୁରୁଷ । ଅଙ୍ଗସୌଷ୍ଠବ ଦେଖିଲେ ପ୍ରୌଢ଼ ବୟସ ବଳେ ବଳେ ପଶିଲା ପରି ବୋଧହୁଏ । ସୁପ୍ରଶସ୍ତ-ଲଲାଟ, ଉନ୍ନତ ନାସିକା, ଦୃଢ଼ ସ୍କନ୍ଧ, ବିଶାଳବକ୍ଷ, ଆଜାନୁଲମ୍ବିତ ଭୁଜ ପ୍ରଭୃତି ଦେଖି ଶିର ନ ଶଙ୍କି ରହି ନପାରେ । ଯାହାଙ୍କୁ ଦେଖିଲେ ହୃଦୟ ରାଜାଙ୍କୁ ଶଙ୍କର ଚନ୍ଦ୍ର ଜଣାଯାଏ । ତହିଁରେ ପୁଣି ଦଣ୍ଡପାଟରେ ଗୁଡ଼ିଆ ଭାକୁଆ ପ୍ରଭୃତି ସେନା ବେବର୍ତ୍ତା ସୁଅଡ଼େ ପରି ଫୁଲ ଧରି ଧୀରେ ଧୀରେ ଚାଲୁଛନ୍ତି । ବେବର୍ତ୍ତାଙ୍କ ନାମ ଶୁଣିଲେ, ବାଟଘାଟ ଲୋକେ ଅଲଗା ହୁଅନ୍ତି । ଲୋକେ ତାଙ୍କୁ ଦେଖି ଟାଙ୍ଗି ହାତ ଗୁଞ୍ଜି ଯାଇ ଏବେ ଲମ୍ବ ଲମ୍ବ ହୋଇ ପଡ଼ି କୁହାର ହେଉଛନ୍ତି । ତଥାପି ପାଖ ଲୋକେ ଦୂର ହ କରିବାକୁ ଛାଡ଼ୁ ନାହାନ୍ତି । ଦୁଇ ସୁନ୍ଦର ଗାଳି ମଧ୍ୟ ଦେଉଛନ୍ତି

କେତେବେ କେତେବେ କାହାରି କାହାରିକୁ ପାହାରେ ଧୂଳ ପାହାରେ ଦୋହଲିଯାଉଛନ୍ତି । ପାଖ ଲୋକଙ୍କର ଶାନ୍ତି ନାହିଁ ସୁଖପାଇଁ କି ଅନ୍ୟ କାହିଁ ପାଇଁ ଏ ସବୁ ହେଉଛି: ତାହା ସେମାନେ କମ୍ବା ବେବର୍ତ୍ତି ଜାଣନ୍ତି । ଏ ଭଲ କି ମନ୍ଦ ସେମାନେ ବୁଝନ୍ତି । ସେ ଧାକ୍କାଦେଇ ବେବର୍ତ୍ତି ସେ ପ୍ରଶାନ୍ତ, ଧୂଳୀର ଏହା ବେକାର ମନା କରି ନ ପାରେ । ଦୂର ଦୂର କରି ପାଖେ ନ ଛୁଇଁ ଦେବାକୁ ଯାହାଙ୍କର ପାଖ ଲୋକେ ଥାନ୍ତି ତାଙ୍କରି ସେପରି ଗୁଣ ଧକ୍କା ଆଗିଦୁଲ୍ଗିଆ ।

ରମା ଶାମାଙ୍କ ପରି ଅବାଦା ଲୋକଙ୍କ ଉପରେ କାହାରି ଆଖି ପଡ଼େ ନାହିଁ । କିନ୍ତୁ ବେବର୍ତ୍ତି ଆପଣା ପଦମର୍ଯ୍ୟାଦା ପ୍ରତି ଦୃଷ୍ଟି ରଖି ଧୀରେ ଧୀରେ ଯାଇ ଗର୍ଭଗୃହମଣ୍ଡପରେ ସାଷ୍ଟାଙ୍ଗ ପ୍ରଣାମ କରି ମୁଣ୍ଡିଆଟି ଦୁଆରେ ଠିଆ ହେଲେ । ଜଗାଠାକୁରଙ୍କର ଜଣେ ପଣ୍ଡାଏ ରୁପା ଥାଳିଆରେ ତୁଳସୀ ଆଉ ଧଣ୍ଡା ଏବଂ ଜଣେ ଗୋଟି ରୁପା ଝାରିରେ ପାଣି ନେଇ ଉପସ୍ଥିତ ହେଲେ । ପାଦୋଦକ ଦେଇ ବେବର୍ତ୍ତିଙ୍କ ଗଳାରେ ଜନଧଣ୍ଡା ଲମ୍ବାଇ ଦେଲେ । ଏଣେ ଆଉ ଦୁଇଜଣ ଗ୍ରାମ୍ଯସେଣି ପିତଳ ଥାଳିଆ ଓ ଗଡ଼ୁ ନେଇ ବୃଦ୍ଧା ରାମସୁନ୍ଦ୍ର ଶ୍ୟାମ ପଟ୍ଟନାୟକ, ରୂପକରଣ, ନଅର ଭିତରେ ପ୍ରଭୃତିଙ୍କି ଜଳ ତୁଳସୀ ଦେବାକୁ ଲାଗିଲେ । ବାର୍ଷିକ ହୁକୁଥା ପାଇଁ ସେ ଏତେରି କରାଗଲ୍ କମ୍ବା ଧଣ୍ଡା ଅଭାବରୁ ସେ ଆଉ କେହି ଧଣ୍ଡା ନ ପାଇଲେ ତାହା ନୁହେଁ । ରାଜାଙ୍କ ବ୍ୟତୀତ ବେବର୍ତ୍ତିଙ୍କ ପରି ଆଉ କେହି ଜଳ ତୁଳସୀ ବା ଧଣ୍ଡା ପାଇବା ବିଧି ନୁହେଁ । ଏକ ସମୟରେ ବେବର୍ତ୍ତିଙ୍କ ବାପ ଅଜା କି ଥିଲେ ଓ ସେ ନିଜେ - କିପରି ଅବସ୍ଥାରୁ ଉଠି ଠାକୁରମାନଙ୍କର ଏପରି ଅନୁଗ୍ରହର ପାତ୍ର ହୋଇ-ଅଛନ୍ତି, ତାହା ସବୁ ଭାବି ଦେଖିଲେ ଯାହା ହେଲେ ତାହା ହୃଦୟ ଶୂନ୍ୟରେ ଶୋଭନୀ ହେଉଅଛନ୍ତି ।

ଅପର ପକ୍ଷରେ ସବୁ ମନୁଷ୍ୟ ସମାନ । ଦେବବର୍ତ୍ତୀଙ୍କ ସଙ୍ଗେ ଆମ୍ଭମାନଙ୍କର ଯେ ପ୍ରଭେଦ ଦେଖାଇ ଯାଆନ୍ତି ତାହା ଅନୁଭବନ ହେଲେହିଁ ବାସ୍ତବିକ ହୋଇ ନପାରେ । କିନ୍ତୁ ଏପରି କାହେକ କାହେକ ଭଳ ଅଛନ୍ତି । ଏହା ପରେ ଦୁଇଟେ କଥାରେ ଖଣ୍ଡିବାର ନୁହେଁ । ପ୍ରଚଳିତ ପ୍ରଥା ଅନୁସାରେ ରାଜ୍ୟଲୋକଙ୍କର ସମ୍ମୁଖରେ ଦେବବର୍ତ୍ତୀଙ୍କ ଦେବତ୍ତଣିଆ ଘୋଷଣା କରିଥିଲେ । ଯେ ଉଚ୍ଚରେ କେହି ପ୍ରାନ୍ତି ପିନ୍ଧାଇଲେ ନାହିଁ ସତ; କିନ୍ତୁ ଗରୁଡ଼ ସ୍ତମ୍ଭ ନିକଟରେ ତାଙ୍କ ପାଇଁ କୌଣସି ଆସନ ଲୋଡ଼ା ହେଲା ନାହିଁ । ଅନ୍ୟମାନଙ୍କ ପରି ସେ ଭୂଇଁରେ ବସିଲେ । ପୁଣି ଆମ୍ଭମାନଙ୍କ ମଧ୍ୟରୁ କେହ କେଉଁଠାରେ ବସିବ ତାହାର ନିର୍ଦ୍ଦେଶ କରିଦେଲେ ନାହିଁ । "ଅନ୍ତରେ ଯାହା ଆପଣା ମନ୍ଦିର ଅପେ ତଳେ" କଥା ଅନୁସରି ଦ୍ରୁଷ୍ଟା ବାପୁଭାଇ ପାଣ୍ଡିଆ ପ୍ରଭୃତି ଆପଣା-ଆପଣା ସ୍ଥାନ ଖୋଜି ନେଲେ ।

ଏଠାରେ ଠିକ କହୁ ନ ଦେଖ ନାହିଁ, କାହା କାହାର ଭାଗ୍ୟ ଲେଖା ନାହିଁ । ମାଟିରେ କେହି କେହି ପଲ୍ଲୁ ଚଳାଇ ଲୁଗାର ଆସ୍ଥ୍ରାଣ, କେହି କେହି ଦେହ ପକାଇ, କେହି କେହି ବା ଆସ୍ତୁ କୁଣ୍ଢାଇ ବସିଥିଲେ । କିନ୍ତୁ ଅପେ ଅପେ ବ୍ରାହ୍ମଣ, କରଣ, ମହାନାୟକ, ଗଡ଼ନାୟକ, ଦଳେଇ, ପଧାନ, ସର୍ଦ୍ଦାର ପ୍ରଭୃତି ଦେବବର୍ତ୍ତୀଙ୍କ ନିକଟକୁ ଓ ଚଷା, ଗଉଡ଼, ଭୂଇଁଆ ପ୍ରଭୃତି ତାଙ୍କଠାରୁ ଦୂରରେଇ ରହିଲେ । କେତେ ଲୋକ ଠିଆ ହୋଇ ରହିଲେ । ଆପଣା ୨ କଥା ବୁଝି ଆପଣା ସ୍ଥାନ ନେଲେ । କେହି କାହାର ସ୍ଥାନ ପାଇଁ କଳି କରିବାକୁ ନାହିଁ କିମ୍ବା କେହି କାହାରିକି ଉଠାଇବାକୁ ନାହିଁ ।

ସ୍ତ୍ରୀ ଲୋକେ ଏକଦଳ ହୋଇ କନ୍ଥଡ଼ରେ ଠିଆ ହୋଇ ରହିଲେ । ସ୍ଥାନାଭାବରୁ ସେ ଏପରି ହେଲେ ତାହା ନୁହେଁ । ସେମାନେ ଜାଣନ୍ତି ସେ ସଭାରେ ବସି ସଭାଜନ ହେବା ତାଙ୍କର ନୁହେଁ । କିନ୍ତୁ ଏପରି ସ୍ଥାନରେ ରହି ସେମାନେ ସବୁ ଦେଖିଥାନ୍ତି, ଆଉ ସବୁ କଥା ଶୁଣିଥାନ୍ତି । ଏହାପରେ ସଭା ପୂର୍ଣ୍ଣ ହେଲାରୁ ଚନ୍ଦ୍ର ଗର୍ଜନାପୂର୍ବକ କହିଲେ—

"ସାଙ୍ଗେ ! ଲଢ଼ାଇ କେବେ ହେବ ?"

ମଦନ—"ସେଇଥି ପାଇଁ ଆସିଥାଇଁ ସେ କଥା କୁଆଡ଼େଗଲା । ଆଗେ ଲଢ଼େଇ କଥା !"

ଯଦୁ—"ମ, ଆମ ଜାଠି ବାଉଁଶ ଘୁଣ ଖାଉଛି । ଖଣ୍ଡାରେ କଳଙ୍କି ଲାଗୁଛି, ଲଢ଼େଇ କଥା ଆଗରେ ନୁହେଁତ ଆଉ କେଉଁ କଥା ?"

ହରି—"ବସି ବସି ଜାଗିରି ଖାଇ ୨ ପେଟ ପୁରୁ ନାହିଁ କି ଧାନ ସରୁ ନାହିଁ ! ଲଢ଼େଇ ନୋହିଲେ ହେଉଛି ?"

ଚମ୍ପଟ ସିଂହ—"ହିଁ ହିଁ ତଖା କି ଜାଣେଣି କପୂରର ଗୁଣ, ଧୂପି ଧୂପି ବୋଲେ ସଳଖବ ଲୁଣ !"

ମଦନ—"ଅରେ ସାଙ୍ଗିଲ କୋଡ଼ି ବାଆ ପିଲଙ୍କ ପରି ଲାଗୁଛି । ଆରେ ଡାଳି ଗୁଣ୍ଡକ ଯୋଗାଇ ୨ ବେଢ଼ିକରି ୨ ମରିଲୁଁ । ତୁମେ ତ ଜାଣ, ପଟେ ମାଣ୍ଡ, ଖଣ୍ଡା ପଟେ ଧରିଲେଇ ଦେଲେ ବାଜା ବଜାଇ ଝମ୍ପଟ ସିଂହ, ଚମ୍ପଟ ସିଂହ, ରଣବାଜ ସିଂହ ଗାଡ଼ୀ ବାନ୍ଧ ଗୁଡ଼ ଫୁଲେଇଫୁଲେଇକା ପିବ । ଏଥିରେ ତୁମ୍ଭେ ଲଢ଼େଇ ନ ଖୋଜିବ କାହିଁକି ?"

ବୃଦ୍ଧା—"ଆଜ୍ଞା ଗଡ଼ନାୟକେ ! ଲଢ଼େଇ କଥା ଯାହା ହେବାର ତାହା ରାଜ ଦରବାରରେ ହେବ । ସେ କଥା ଏଠି କେଇ ବସିଲେ କଅଣ ହେବ ? ସେଇଥିପାଇଁ ସେଥିରେ କଏ କଣ କହୁଛ କୁହ !"

ବୃଦ୍ଧାଙ୍କ କଥା ଶୁଣି ସମସ୍ତେ ନୀରବ । କିଛିକ୍ଷଣ କାହାରି ତୁଣ୍ଡ ଫିଟିଲା ନାହିଁ । ତାହା ହେବାର କଥା ନୁହେଁ । ଏହା ସୁରୁଣ୍ଡା-କାଳିଆ ଗାଁର ସଭା ଘର । ଏଠାରେ ସଭାପତି, ସମ୍ପାଦକ, ସମ୍ପାଦିକା, ପ୍ରସ୍ତାବକାରୀ, ପ୍ରସ୍ତାବକାରିଣୀ ପ୍ରଭୃତି ନାହାନ୍ତି । ପ୍ରସ୍ତାବମାନ ପୂର୍ବରୁ ଲେଖାପଢ଼ି ହୋଇ ଆସି ନାହିଁ । ପ୍ରସ୍ତାବମାନ ଅନୁମୋଦନ ସମର୍ଥନ କରିବାକୁ ଲୋକ ନିର୍ବାଚିତ ହୋଇ ନାହାନ୍ତି । ବକ୍ତାମାନଙ୍କ ଉଦ୍‌ବୋଧନ, ସମ୍ବୋଧନ ପ୍ରଭୃତି ହେବାର ନାହିଁ । ଭାବଭଙ୍ଗୀ ପ୍ରଦର୍ଶନ, ହସ୍ତପଦ ସଞ୍ଚାଳନ, କମ୍ପା ବାକ୍‌ଜାଲ ଉଚ୍ଚାରଣ, ତର୍ଜନ, ଗର୍ଜନ, ତାଡ଼ନା, ଲାଞ୍ଛନା, ଉତ୍ତେଜନା, ବଞ୍ଚନା, ରଚନା ପ୍ରଭୃତି ନାହିଁ । ଅଭିଧାନ, ଅଳଙ୍କାର, ଛଟକ, ବଚନଟିପ୍ପୁରେ ଚଟକ ଦେଖାଇବାକୁ କେହି ଆସି ନାହିଁ । କଥାରେ ଭୁଲ ଅନୁଚ୍ଚାରଣର ଆଶଙ୍କା ନାହିଁ । "ପଞ୍ଚମୁଖେ ହରି" କଥା ଅନୁଯାୟୀ ଆପଣା ୨ ମନ କଥା ପ୍ରକାଶ କରିବାକୁ ପଣ୍ଡିତ ମୂର୍ଖ ଏକତ୍ରିତ ହୋଇଛନ୍ତି, ଅଥଚ ସମସ୍ତେ ନୀରବ ।

କିନ୍ତୁ ଏହା ଅଧିକ କ୍ଷଣ ରହି ପାରିଲା ନାହିଁ । କିଛିକ୍ଷଣ ଭିତରୁ ଲୋକେ ଫୁସ୍‌ଫାସ୍ ହେବାକୁ ଆରମ୍ଭ କଲେ । ଏହାପରେ ମଧ୍ୟ କିଛିକ୍ଷଣ ଗଲା । ଅଥଚ ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ କେହି ଆଗେଇ ନାହାନ୍ତି ।

ଏହି ମଧ୍ୟରେ ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ଜଣେ ଡାକି କହିଲା, "ଟିପ ଟିପ, କଳଆ ଟିପ, ସେ ଟିପ ଯାଇ ନାହିଁ, ପାଠକନାରେ ଲୁଗା ହୋଇ ରହିଛି ।" ଏ କଥା କଏ କହିଲା, କାହିଁକି କହିଲା,

ଏହା ସତ କି ମିଛ, ତାଙ୍କ କେହି ମନ ଦେଲେ ନାହିଁ । —ଏଣେ ସଭା ଲୋକଙ୍କୁ ସମ୍ବୋଧନ କରି ପାଣ୍ଡିଆ କହିଲେ, "କେବଳ ଯାଉଛି କେହି କିଛି କହୁନା, ଖାଲି ଫୁସ୍ଫାସ୍ ହେଉଛି ।" ଏହା ଶୁଣି ଅଶୀ ବର୍ଷିଆ ବୁଢ଼ା ତୋଷୀ ସରଦାର କହିଲା, "ଆଜ୍ଞା, କଥାଟା ସମସ୍ତେ ଜାଣନ୍ତି । ତାହା ନେଇ ଫୁସ୍ଫାସ୍ ହେଉଛନ୍ତି । କେହି ପଦାକୁ ବାହାରୁ ନାହାନ୍ତି । ଆପଣ ଥରେ ତାହା ସଭାରେ ପଚାରି ଦେଉନ୍ତୁ ସେ ସବୁ ଶୁଣିଥିବ ।" ଏଥିରେ ପାଣ୍ଡିଆ କହିଲା, "ନଅର ବଡଶାଳଙ୍କ ଭଉଣୀ ସଙ୍ଗେ ଚକ୍ରବର୍ତ୍ତୀଙ୍କ ପୁଅର ବାହା କରିବାକୁ ଚକ୍ରବର୍ତ୍ତୀଙ୍କ ଖୁବ୍ ଇଚ୍ଛା, ଏଥିରେ ନଅର ବଡଶାଳଙ୍କ ବଡ଼ ଭଲ ରାଜି ହେଲେଣି; କିନ୍ତୁ ରାଜ୍ୟ ଲୋକେ ନିନ୍ଦା କରିବେ ବୋଲି କହି ସେ ବା ତାଙ୍କ ମା ରାଜି ହେଉ ନାହାନ୍ତି । ଏବେ ନଅର ବଡଶାଳେ ବସିଛନ୍ତି, ଚକ୍ରବର୍ତ୍ତୀ ବସିଛନ୍ତି, ରାଜ୍ୟଲୋକ ବି କହୁଛନ୍ତି ସେ ଦୁହିଁଙ୍କ ମୁହଁ ଉପରେ କହନ୍ତୁ ।"

ଏହା ଶୁଣି ତୋଷୀ ସରଦାର ପଚାରିଲା, "ମହାରାଜା କି କହୁଛନ୍ତି ଆଜି ତୁମ୍ଭେ କଣ ପାଠ ଦେଉଛନ୍ତି ?" ଏଥିକି ରାଜଗୁରୁ କହିଲେ କଥାରେ ଅଛି, "ରାଜାନୁଗତୋଧର୍ମ" ପୁଣି ବ୍ରହ୍ମା ବଳବତ୍କେବଳଲେ ବେଦ । ସେହି ଦୁହିଁଙ୍କ କଥା ଶୁଣି ତୁମ କଥା ବୋଲ । ତାହା ଜଣାଗଲାରୁ ବ୍ରହ୍ମା ଶାସ୍ତ୍ରରୁ ବ୍ୟବସ୍ଥା ଦେବେ । ମହାରାଜା ଯାହା କରିବାର ତାହା କରିବେ ।

ରାଜଗୁରୁଙ୍କ କଥା ନ ସରୁଣୁ ସ୍ତ୍ରୀଲୋକଙ୍କ ମଧ୍ୟରୁ ଜୀର୍ଣ୍ଣଶୀର୍ଣ୍ଣ ଧୂଳିଧୂସରିତବସ୍ତ୍ରାବୃତା ଅବଗୁଣ୍ଠନବତୀ ଜଣେ ସ୍ତ୍ରୀ ଲୋକ ବାହାରି ଆସି କହିଲା, "ଗୋସାଇଁମାନେ ! ମୁଁ ଯାହା କହିଲି ତାହା କେହି ଖାତର କଲ ନାହିଁ । ତେବେ ଏବେ ଶୁଣି କହୁଛି ତେଜ ବସୁମାତା, ଉପରେ

ଧର୍ମ ଦେବତା, ଚମ୍ପମୁଖେ ଭୂତ, ଏହି ସବୁ କଥା ମନେରଖି ଠିକ ଠିକ ଜବାବ କରିବା ହେବେ ।" ଏହା ଶୁଣି ଯୋଗୀ ସରଦାର ପଚାରିଲେ "ତୋ କଥା କଅଣ" ?

ସ୍ତ୍ରୀ—"ସେହି ଟିପ, ଝୁଲାଆଟିପ ।"

ଯୋଗୀ—"ଖାଲି ଟିପ ଟିପ ହେଲେ କଅଣ ହେବ ? କଥାଟା କଅଣ ସବୁ କହ ।"

ସ୍ତ୍ରୀ—ଗୋସାଇଁମାନେ ! ନଅର ବଡଶୋଇଙ୍କ ଗୋଇଁବାଳଙ୍କୁ ଭୂତଆ ଟିପ ଲେଖିଦେଇ ବେବର୍ତ୍ତାଙ୍କ ଗୋଇବାର ଭଳିଆ ହୋଇ ରହିଥିଲେ । ବେବର୍ତ୍ତାଙ୍କ ବାପେ ତାଙ୍କ ଘରର ଜମାଇ ଥିଲେ । ଘର ତୋଡ଼ରେ ସବୁ ଯୋଡ଼ିଗଲା । କିନ୍ତୁ ସେ ଟିପକୁ ଯାଟକନାରେ ବାନ୍ଧି ନଅର ବଡଶୋଇଙ୍କ ମାଆ ରଖିଛନ୍ତି । ମୁଁ ଏତିକି କହିଲି, ଆଉ ସବୁ କଥା ତାଙ୍କୁରେ ଜାଣନ୍ତୁ । "ଭଳେ ବସୁମାତା ଉପରେ ଧର୍ମଦେବତା", "ଚମ୍ପମୁଖେ ଭୂତ" ଏତିକି କହି ସ୍ତ୍ରୀ ଲୋକଟି ଶୀଘ୍ର ଯାଇ ଅନ୍ୟମାନଙ୍କ ସଙ୍ଗେ ମିଶିଗଲା ।

ସ୍ତ୍ରୀ ଲୋକର ଉକ୍ତି ବିଷମସମସ୍ୟା ଉପସ୍ଥିତ କଲା । ସମ୍ମୁଖରେ ଦିଗମ୍ବୁ ରାଜା ପ୍ରବଳ ପ୍ରତାପୀ ବେବର୍ତ୍ତା । ତାଙ୍କ ପୂର୍ବ ପୁରୁଷ ଯେ ମୂଳଆମୁଣ୍ଡ ଥିଲେ ତାହା ଜଣାଶୁଣା । ପୁଣି ବୁଦ୍ଧିବଳ କଳକୌଶଳରେ ସେ ଯେ ନଅରବଡଶୋଇଙ୍କ ଠାରୁ ବେବର୍ତ୍ତା-ପଣ କାଢ଼ି ନେଇଛନ୍ତି ତାହା କାଲି କଥା । ଜାତିରେ ସେ ଖଣ୍ଡାୟତ । ନଅରବଡଶୋଇ କରଣ । ତାଙ୍କର ଘର ଲୋକେ ପୁରୁଷର ଓ କେଉଁକାଳୁ ତାଙ୍କ ଠାରୁ ବେବର୍ତ୍ତା ହୋଇ ଆସୁଥିଲେ

ତାହା ଅଳ୍ପ ଲୋକେ ଜାଣନ୍ତି । ଉଠିବା ପଡ଼ିବା ବଢ଼ିବା ଛିଡ଼ିବା ଏମିତି ଚକ୍ର ପରି ଲାଗି ରହିଛି । କେହି ଆପଣା ବାହୁବଳରେ ରାଜ୍ୟ ସ୍ଥାପନ କରି ସ୍ୱନାମ ଧନ୍ୟ ପୁରୁଷ ବୋଲାଉଛି । କେହିବା ବଡ଼ପଣିଆ ଦେଖାଇବା ପାଇଁ ଚନ୍ଦ୍ରସୂର୍ଯ୍ୟବଂଶୀୟ ବୋଲି ପରିଚୟ ଦେଉଛି । ତଳରୁ ତାଳ ହେଲେଣି ନଅର ବଣେଇଙ୍କ ଘରେ ସମ୍ବନ୍ଧ ପାଇଁ ଦେବଣି ଲାଳାୟିତ ଓ ବ୍ୟସ୍ତ ବୋଲି କାହାରିକି ଅଜଣା ନାହିଁ ।

ଏବେ ପୁଣି କଥା ରହିଛି ସେ କାଉଁଜ ମାଟିରେ ପଡ଼ିଲେ ତାହାର ଜେଷ୍ଠ ବୁଝେ ନାହିଁ । ଦୁଃଖରେ ଥିଲେ ବି ନଅର ବଣେଇଙ୍କି ତାଙ୍କ ମାଆ ଆଣି ଦେଇଥିବା ପୁରୁଣା ଘରକଥାର ହାଣ୍ଡି ଛୁଡ଼ିବାକୁ ନାହାନ୍ତି ।

ଏହି ଦେଶ ରାଜ୍ୟ ଲୋକଙ୍କର ଘର । ନେପୋଲିଅନ ବୋନା ପାର୍ଟଙ୍କ କଥା ଜାଣିଥିଲେ ଶୁଣିଥିଲେ ସଞ୍ଜଲୋକେ କି କହିଥାନ୍ତେ ବା କରିଥାନ୍ତେ ବୋଲି ଥାଇ ନ ପାରେ । କିନ୍ତୁ ସ୍ତ୍ରୀ ଲୋକର କଥା ଶୁଣି ସଭା ନୀରବ ନିସ୍ତବ୍ଧ, କାହାରି ଭୁଣ୍ଡ ଫିଟିବାକୁ ନାହିଁ । କାହାରି ମନ କଥା କିଛି ଜଣା ହେଉନାହିଁ । ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ଚରି । ଏହାପରେ କଣ୍ଟକଣା ଗଳାରୁ ପାଟିଆ କହିଲା "ବେଳ ଯାଉଛି, ସମସ୍ତେ ତୁନିହୋଇ ମୁନିପରି ବସିଲ ସେ ।" ବୁଢ଼ା ଯୋଗୀ ସରଦାର ମଧ୍ୟ ସତ ସତ ବୋଲି କହିଲା । ଏଥିରେ ସଭାର ପାଟି ଫିଟିଗଲା । କେହି କହିଲା "କାରଣ ମହାଜନଙ୍କ ମଧ୍ୟରେ ଝିଅ ପୁଅ ଦେବା ନେବା ଚାଲୁଛି । କେହି କହିଲା ପଇସା ଲୋଭରେ କେତେଟି କେତେଟି ସେମାନେ ଦେଉଛନ୍ତି । ସେ କିଛି କଥା ନୁହେଁ । ତାହା ହେଉଥିଲେ ବୁଢ଼ା ଜାତି କାହିଁକି ?" କେହି କହିଲା " ତଳ ବାଡ଼ି ବାଡ଼ି

ମାହାତ୍ମ୍ୟ, ମାହାତ୍ମ୍ୟ ଛିଦ୍ର ଛିଦ୍ର ତଥା ।" କେହି କହିଲା "ସେ ହିଅ: ଶବ ସେ ଲଗ୍ନ । ଦେବତାଙ୍କ ଘରକୁ ହିଅ ଚେଲ କାରଣ ଲଗ୍ନ ବୋଲି ଦେଖାଇବେ କାହିଁକି ?" କେହି କହିଲା "ଜଡ଼ା ଧାଡ଼ରେ ଜଡ଼ା ଯାଉଛି । ପିମ୍ପୁଡ଼ି ଧାଡ଼ରେ ପିମ୍ପୁଡ଼ି ଯାଉଛି । ଧାନ ବଣ୍ଡ ବୋଲି ଦେଖାଇ ଦେବାକୁ କେହି କାହା ଥାଡ଼ ଛୁଉ ନାହିଁ । କେହି କହିଲା ଗଧ ଘୋଡ଼ା ମିଶିକରି ଯେ ଛୁଆ ହେଉଛି ସେ ଖଚର ବୋଲାଉଛି, ଗଧ ନବୋଲାଉ ନାହିଁ କି ଘୋଡ଼ା ବୋଲାଉ ନାହିଁ ।" କେହି କହିଲା "ଗଧ ଘୋଡ଼ାଙ୍କ କଥା ଛାଡ଼ନ୍ତୁ, କାରଣ ମହାମାନ୍ୟଙ୍କ କଥା ଲାଗେ ।"

ଏହିପରି ନାନା ଲୋକେ ନାନା କଥା କହିଲେ । ନାନା ସ୍ରୋତ ପ୍ରବାହିତ ହେବାକୁ ଗଲା । ସମସ୍ତ ନଗାଡ଼ାଜନରେ ସ୍ପର୍ଶିବେ କି ନାହିଁ ଜଣାଗଲା ନାହିଁ । ପୂର୍ବରୁ ନିର୍ଦ୍ଧାରଣମାନ ଠିକ୍ କରି ସ୍ୱାଭାବିକ ବକ୍ତା ପ୍ରଭୃତି ସ୍ଥିର କରିଥିଲେ ଏପରି ହୋଇଥାନ୍ତା କି ନାହିଁ ବୋଲିଯାଇ ନ ପାରେ । କିନ୍ତୁ ଉଦ୍ଭଟ ଗାଁଉଳି ସଭାରେ ତାହା ହୋଇ ନ ଥାଏ । ଏହା ଭଲ କି ମନ୍ଦ ଭଗବାନ୍ ପ୍ରକାରେ ସଭାର ଲୋକେ ଜାଣନ୍ତି । ଉପସ୍ଥିତ ସଭାରେ କି ହେବ, ସମୁଦ୍ର ମନ୍ଥନରୁ କି ବାହାରିବ, ତାହାର ଆସ୍ୱାଦ ମିଳିବା ପୂର୍ବେ ହେଉଁ ଗଜ୍ଜତରିକ ଥକ୍କ ବସିଥିଲା ତହିଁରୁ କାଏ ଦେବତାଙ୍କ ଆଗରେ ନଥ କରି ପଡ଼ିଲା । ଦେବତା ଓ ତାଙ୍କ ସନ୍ନିକଟସ୍ଥ ଲୋକେ ଚମକି ପଡ଼ି ଉଠି ପଛକୁ ଘୁଞ୍ଚିଗଲେ । କେତେ ଜଣ "ମାର" "ମାର" ବୋଲି କହି ଉଠିଲେ । "ଏ କି ହେଲା" "ଏ କି ହେଲା" ବୋଲି କେହି କେହି ବୋଲିଲେ । ଦେବକୁଟ ହେଲା ବୋଲି କେହି କେହି ବା କହିଲେ । ଏଥି ମଧ୍ୟରେ ସମସ୍ତ ଲୋକ ଉଠି ଠିଆହୋଇ ଘଟଣାକୁ ଦେଖିବାକୁ ଓ ଜାଣିବାକୁ ବ୍ୟଗ୍ର ଓ ବ୍ୟସ୍ତ । କେତେକ

ନିଜେ ନିଜେ ଦେଖିଲେ ଓ କେତେବେଳ ଶୁଣିଲେ ଯେ ଗୋଟିଏ ଲୋକ ଗୋଖରକୁ ଧରୁଛିନା। କରି ଗୋଟାଏ ଭଣା ପଡ଼ୁଛି।। ଚଳାଇବାକୁ ଗୋଖର ପ୍ରାଣପଣେ ଚେଷ୍ଟା କରୁଛି । ଶତ୍ରୁ ପଡ଼ ଭଣା ବ ଛଟ ଛଟ ହେଉଛି । ଅଥଚ ଗୋଖରକୁ ଛାଡ଼ୁ ନାହିଁ କିମ୍ବା ଛାଡ଼ ପାରୁ ନାହିଁ । ସେ ଯାହାହେଉ ପାହାର କେତେବେଳରେ ଧୂଳ ସାପଙ୍କର ଯନ୍ତ୍ରଣା ଶେଷ କରି ସେ ଦୁହିଁକ ପେଟାରୁ ଉଠାଇ ନିଆଗଲ । ତହିଁ ଉପରୁ "ବସ" "ବସ" ବୋଲି ବେବର୍ତ୍ତୀଙ୍କ ପାଖ ଲୋକେ ଡାକ ଦେଲେ । ତହିଁକି ଅନେକ ଲୋକେ ଏକ ବାକ୍ୟରେ ବାରମ୍ବାର କହିବା ଶୁଣାଗଲା ସେ ଅନଶନ ଦେଖାଦେଲା । ଆଉ ଏ ସଙ୍ଗ ବସିବାର ନୁହେଁ । ଆଉ ଧନେ ବସିପାରେ । ଏହା ଶୁଣି ବେବର୍ତ୍ତୀ, ଶାସ୍ତ୍ରୀରୁ ବ୍ରହ୍ମା କ ତାଙ୍କ ଭୁଲ ଅନ୍ୟ କେହି କିଛି କହିଲେ ନାହିଁ —। ସୁତରାଂ ଠାକୁରଙ୍କୁ ଓଳଟି ଦେଇ ବା ନ ଦେଇ ଲୋକେ ଯେଝା ବାଟ ଧରିଲେ । ଏହାପରେ ସନ୍ଧ୍ୟା ହେଲା ।

# ପଞ୍ଚମ ପରିଚ୍ଛେଦ

ଚକ୍ରପାଣିଙ୍କ ଚକ୍ର ଅଦୃଶ୍ୟ, ଅଜ୍ଞେୟ । ତାହାର ଗତି ଧନ ମାନ କ୍ଷମତା କାହାରି ଆୟତ୍ତାଧୀନ ନୁହେଁ । ତାହାରି ଗର୍ଭରେ ଅଯୋଧ୍ୟା ରାଜସିଂହାସନ ଆରୋହଣ କରିବାକୁ ଚାଲି-ବେଳେ ବିଷ୍ଣୁ ଅଂଶୀ କୌଶଲ୍ୟାନନ୍ଦନ ବନଗାମୀ । ତାହାରି ଗର୍ଭରେ କୁରୁକ୍ଷେତ୍ର ମହାରଣଯଜ୍ଞ । ତାହାରି ଗର୍ଭରେ ସାମାନ୍ୟ କର୍ସିକାଦ୍ୱୀପରୁ ବାହାରି ନେପୋଲିଅନ ଜଗତକୁ ଚକିତ, ସ୍ତମ୍ଭିତ, ଧ୍ୱସ୍ତ, ସ୍ତବ୍ଧ କରି କାରାବାସରେ ମାନବଲୀଳା ଶେଷକଲେ ।

ଏ ପ୍ରସଙ୍ଗରେ ତାଳ ସଙ୍ଗେ ତିଳ କଥାପରି ଦେଖିବୁ ନିୟତିଚକ୍ରର ଗର୍ଭରେ ଆଜି ଜଗଦେବ ରାଜାଙ୍କ ଦୁର୍ବଳ ପ୍ରତାପୀ ପୂର୍ବୋକ୍ତ ଦେବବର୍ଣ୍ଣ ତ୍ରିଲୋଚନ ମହାପାତ୍ରେ ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କ ଛାଉଣୀରେ ସରକାରରେ ପଡ଼ିଛନ୍ତି । ସେହି ଦେବବର୍ଣ୍ଣଙ୍କ ହାତ ନେଉଥିଲେ ଗୋଟା ରାଜ୍ୟ ନେଉଛନ୍ତୁ ଥିଲା ସେହି ଦେବବର୍ଣ୍ଣ।

ଆଜ ଅନ୍ୟର ପ୍ରସାଦାକାଂକ୍ଷୀ । ଯେଉଁ ଦେବବର୍ମ କେତେ କେତେ ଈଶ୍ୱରଙ୍କୁ ଦାସ, ଦାସଙ୍କୁ ଈଶ୍ୱର, ଶ୍ରେଷ୍ଠଙ୍କୁ ତୁଚ୍ଛ, ତୁଚ୍ଛଙ୍କୁ ଶ୍ରେଷ୍ଠ କରିଛନ୍ତି, ସେହି ଦେବବର୍ମ ଆଜ ଅନ୍ୟର ନ୍ୟାୟ ଅନ୍ୟାୟ ଦୟା କ୍ଷମାର ପ୍ରତ୍ୟାଶୀ ।

ଆଜି ଅପରାହ୍ଣରେ ସେହି ଦେବବର୍ମଙ୍କର ବିଚାର ହେବ । ତହିଁ ପାଇଁ ରାଜାଙ୍କ ଦରବାରକୁ ଅନେକ ଲୋକ ଯାଉଛନ୍ତି । କିନ୍ତୁ ଏଥିପୂର୍ବ ବଡ଼ ଦେଉଳ ଦେବଦର୍ଶନକୁ ଯିବାବେଳେ ଲୋକଙ୍କର ଯେ ଭାବଭକ୍ତି ଦେଖାଯାଉଥିଲା ଆଜି ତାହା ନାହିଁ । ସେ ଧର୍ମସଭା, ଏ ରାଜସଭା । ଏଠାକୁ କେତେ ଭାଷା ଘୋଡ଼ା ଦଉଡ଼ା ହୋଇ ଯାଉଛନ୍ତି । କେହିତ ପାଇକେ ଭାଇମାଟି ବୋଲି ହୋଇ ମୁଣ୍ଡରେ ଟାଙ୍ଗିଆ ଦେଇ, ବାହାରେ ନାନାରଙ୍ଗର ପଶୀ ବାନ୍ଧି, କାଣ୍ଡବାହିଁଣ, ଢାଲ ତରବାରୀ ନେଇ ଯାଉଛନ୍ତି । କେତେକ ଭଲ ଲୁଗାପିନ୍ଧି ପଟେ ପଟେଁ ଝଣ୍ଡା ବା ଗୋଟାଏ ଗୋଟାଏ ପାଶ ବା ବର୍ଚ୍ଛା ନେଉଛନ୍ତି । କେହି କୌତୂହଳାକ୍ରାନ୍ତ, କେହି ଚିନ୍ତିତ, କେହି ବା ଭୀତ । କିନ୍ତୁ ନିଜେ ଦେବବର୍ମଙ୍କର କି ଭାବ ତାହା ଜଣାପଡ଼ୁ ନାହିଁ । ଅସ୍ତ୍ରଶସ୍ତ୍ରଧାରୀ ପାଇକେ ତାଙ୍କୁ ହାଜତରୁ ବାହାର କରି ଶୃଙ୍ଖଳାବଦ୍ଧ କଲାବେଳେ ବି କୌଣସି ଭାବଭଙ୍ଗୀ ପ୍ରକାଶ ପାଉ ନାହିଁ । ବରଂ ବିଚାର ପାଇଁ ରାଜାଙ୍କ ସମ୍ମୁଖକୁ ନେଲାବେଳେ ତାଙ୍କ ସୁପ୍ରଶସ୍ତ ଲଲାଟ, ଉନ୍ନତନାସିକା, ତେଜଃ ପୂର୍ଣ୍ଣ ଉଜ୍ଜ୍ୱଳନୟନ, ଅଧରଭଙ୍ଗୀ ପ୍ରଭୃତିରୁ ଜଣାଯାଏ ସେ ଆଗେ ଆଗେ ଯାଉଥିବା ଢାଲ ଝଣ୍ଡା ଓ ପାଇକଙ୍କୁ ତାଚ୍ଛଲ୍ୟ ମଣି ଏବଂ ଶାରୀରିକ କଷ୍ଟସବୁ କଷ୍ଟ ବୋଲି ନ ଗଣି ସେ ଧୀର ଗମ୍ଭୀର ଅକୁତୋଭୟ ଭାବରେ ଯମଦୂତମାନଙ୍କ ସମ୍ମୁଖୀନ

ହେବାକୁ ଯାଉଛନ୍ତି । କିନ୍ତୁ ତାଙ୍କର ଏ ଭବ କାହାରି ଦୟା ମାୟା ସହାନୁଭୂତି ଅନୁକମ୍ପା ଉଦ୍ରେକ କରୁଛନ୍ତି ବୋଲି ବୋଧ ହେଉ ନାହିଁ । ବରଂ କେତେ ବାଘ ଭାଲୁ ବାଣ୍ଡି ମାରି ମାରି ବୁଲିଲେ ବେଳେ ଯେଉଁ ଭବ ଦେଖାଦେଉଥାଏ ସେହିପରି ଭବ ଆଜି ଆଜି ସ୍ପଷ୍ଟ ପ୍ରକାଶ ପାଉଥିଲା । ଏପରି କରିବାକୁ କେହି ସାହା ନାହିଁ । କିନ୍ତୁ ସବୁଦିନ ପରି ଲୁଟେରୁମାନଙ୍କର ଗୁମ୍ଫାକୁ ଅଶ୍ରୁଳ ସ୍ମୃତିଙ୍କ ପରି ବେବର୍ତ୍ତ ନିର୍ବାଣୀଙ୍କ ଗୁମ୍ଫାକୁ ଗୁଣିଲେ ଏବଂ ସେଠାରେ ପଦ୍ମଫୁଲରୁ ନତମସ୍ତକ ଦୂରା ହେଲେ ନାହିଁ । କେବଳ ଦେଖନ୍ତି ନ ଅନ୍ୟ କାହିଁ ପାଇଁ ବେବର୍ତ୍ତ ତାହା ନ କଲେ ତାହା ସେ ଜାଣନ୍ତି ।

ବେବର୍ତ୍ତଙ୍କ ବଳ ହଜା ହୁଏଡେନିମର୍ଦ୍ଦିଳି ହୁ ଦେବ ସେ ସୁନ୍ଦର୍ଭିରୁ ଉନ୍ନତ ଲଲାଟ, ଶୁକଚଞ୍ଚୁ ନାସା, ଜ୍ୟୋତିର୍ମୟ କଜଳନୟନ, ପକ୍ୱବିମ୍ବାଧର ସୁନ୍ଦର, ଦିଗାଜବକ୍ଷ ଆଜାନୁ-ଲମ୍ବିତଭୁଜ ଯେଉଁ ଜଣ ବେବର୍ତ୍ତ ପ୍ରଭୃତି କର୍ମବୀର ନାୟକ ପାଦୁକ ପାଖ ଲୋକ ପ୍ରଭୃତିଙ୍କ ଦ୍ୱାରା ଅର୍ଦ୍ଧଚନ୍ଦ୍ରାକାରରେ ବେଷ୍ଟିତ ହୋଇ ଏଠା ମଧ୍ୟରେ ଦ୍ୱାଦଶ ସିଂହାସନ ଗାଲିଆ ଗଜାପରି ଠିଆ ହୋଇଛନ୍ତି । ହାତରେ କୌଣସି ଅସ୍ତ୍ର ନାହିଁ । କିନ୍ତୁ ସମ୍ମୁଖରେ ଅମାପ୍ତ ଆପ୍ତଦା କଥା ତାହାର ଦୋ ଖଣ୍ଡା ଖଣ୍ଡା ହାଣ ଅନବରତ ଦୃଶ୍ୟ ଜାଳ ହେଲାର ଅଚଳ ମୂର୍ତ୍ତିର ସରଳତା ଦେଖାଉଅଛନ୍ତି । ପଞ୍ଚସ୍ୱେଅର ବସା ଅଷ୍ଟାଦଶମ୍ଭ ଦୃଷ୍ଟିରେ ଯେଉଁ କଳା, ଧଳା, ସବୁଜା, ଚମ୍ପା ପ୍ରଭୃତି ନାନାରଙ୍ଗର କାଠିଆବାଡ଼ୀ ଆଦି ଭିନ୍ନ ଭିନ୍ନ ଜାତିର ଚଣ ଚଣ ଘୋଡ଼ା ବେକ ବଙ୍କାଇ କାନ ଠିଆ ଆଉ ନାକ ଫଡ଼ ଫଡ଼ କରି ଭୂଇଁରେ ଟାପୁ ମାରି ରଣମଦରେ ମାଦକତା

ଦେଖାଉଛନ୍ତି । ଅଥଚ ସୁଦ୍ଧାଏ ଏତେବେଳେ ହେଉ ନାହାନ୍ତି । ତାଳ ଦୁପାଖ କାଣ୍ଡବାଉଁଶ ଖଣ୍ଡା ବର୍ଚ୍ଛା ପ୍ରଭୃତି ଦେଶ ଅସଂଖ୍ୟ ଟହାଣ୍ଡି ଆଗେ ଆଗେ ନାୟକ ଗଡ଼ନାୟକ ପ୍ରଭୃତିଙ୍କ କଥାକୁ କାନ ଡେରି କୁଞ୍ଚି ମାତ୍ରଜମା ପରି ଦରନ୍ତବଂଶୀ ଠିଆ ହୋଇ ରହିଛନ୍ତି । ସମସ୍ତ ସମସ୍ତଙ୍କର ତୁଣ୍ଡ ଦେଖି ଚମକ ରଣଶିଙ୍ଗା ପ୍ରଭୃତି ବାଜି ଉଠି ସବୁରି ଧମନୀରେ ଉଷ୍ଣ ରକ୍ତର ପ୍ରବାହ ଖରତର କରାଇ ଦେଉଛି, ଅଥଚ କାହାରି କାହାରିକି ଉଠୁ ନାହିଁ । ଖଣ୍ଡିଏ ପ୍ରେମସୂତ୍ର ସବୁରି ମନପ୍ରାଣ ଆବଦ୍ଧ କରି ରାଜାଙ୍କ କରକମଳସ୍ଥ ସମସ୍ତେ ଖଣ୍ଡିଏ କାଷ୍ଠପୁତୁଳୀ ପରି ହୋଇ ପ୍ରତୀକ୍ଷା ଦଶାରେ ଜୀବନ୍ତ ଶରୀର ଦେଖାଉଛନ୍ତି । ଆଜି ରାଜା ବସ୍ତୁ ଅଂଶୀ ବୋଲି ଯେ ବଚନ ଅଛି ତାହା ପ୍ରତିପନ୍ନ କରାଉ ଅଛନ୍ତି ।

ଏତେ ରାଜା ଆଜି ରଣବିଜୟୀ । ପ୍ରବଳପରାକ୍ରମୀ ବେବର୍ତ୍ତ ନିଳେଚନ୍ଦ ମହାପାତ୍ର ଶୃଙ୍ଖଳାବଦ୍ଧ ହୋଇ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ । ସୁଅଟଣ୍ଡ ଗଜରାଜ ବନ୍ଧନ ହେଲେହେଁ ଖେଦାକାରୀଙ୍କର ଯେ ମନୋଭାବ, ଆଜି ଦ୍ୱିତୀୟଦନ୍ଦମର୍ଦ୍ଦନ ରାଜାଙ୍କର ମନରେ ସେହି ଭାବ । ବେବର୍ତ୍ତ ସମ୍ମୁଖରେ ଦଣ୍ଡାୟମାନ ହେଲାରୁ ତାଙ୍କୁ ରାଜା ପଚାରିଲେ:—

"ଏ ପାଞ୍ଚ ଖଣ୍ଡା କାହିଁ ଥିଲା ?"

ବେବର୍ତ୍ତା—"ପର ହେଲାବେଳେ ଏ ସବୁ ଦେଖ ଆମେ ଯୁଦ୍ଧ କରିଥିଲୁଁ ।"

ରା—"ଏ ସବୁ ତୁମେ କାହୁଁ ପାଇଲ ?"

ବେ—"ଆମ୍ଭ ମହାରାଜାଙ୍କ ଠାରୁ ।"

ରା—"ତୁମେ ହେଲାବେଳେ ଏ ନିଆଁ କି ପ୍ରଜ୍ଜ୍ୱଳା ଥିଲା ?"

ଦେ—"ଏ ସବୁ ଆମ୍ଭ ମହାରାଜଙ୍କ ଗୋସାଇଁବାପଙ୍କର ଥିଲା ।"

ରା—"ଏଥିପାଇଁ ତୁମ୍ଭେ କି ତୁମ୍ଭ ମହାରାଜା ଦୋଷୀ କହି ନ ପାରୁଁ । କିନ୍ତୁ ଏହା ବ୍ୟବହାର କରି ତୁମ୍ଭେ ଉଚିତ କାର୍ଯ୍ୟ କରିନାହଁ । ସେ ପାଦୁକାର ସୂତ୍ରରେ ଜାଣି ଯେ ତୁମ୍ଭଙ୍କୁ ବନ୍ଦୀ କଲା ସେ ଏଠାରେ ଅଛି କି ନା ଦେଖ ଆଉ ସେ ଥିଲେ ତାଙ୍କୁ ଡକାଇ ଦିଅ ।"

ଦେ—(ଗୁରୁଆଣ୍ଡ଼ିକୁ ଅନାଇ ବୁଲାଇ) ଯେଉଁ ଲୋକ କପାଳରେ କଳା ବନ୍ଧା ହୋଇଛନ୍ତି ଏ ସେହି ଲୋକ । ବୋଧହୁଏ, ମତେ ଧରିଲା ବେଳେ ଯେ ଚୋଟ ମାରିଥିଲି ସେହି ଚୋଟ ପାଇଁ ଏ କଳା ବନ୍ଧା ହୋଇଛି । ସେ ଚୋଟରୁ ବଞ୍ଚି ଏ ଯେ ମୋତେ ବନ୍ଦୀକଲା ତାହା ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୁଁ ଅନେକଙ୍କ ସାଙ୍ଗରେ ଯୁଝିଛି କିନ୍ତୁ ଏହାପରି ଦୃଢ଼ତାର ଶିକ୍ଷିତହସ୍ତ ସୁନ୍ଦର କେବେ ଦେଖି ପଡ଼ିନାହିଁ । ମୋହର ବର୍ତ୍ତମାନ ଏ ଦଶା । ଏହାକୁ ବଳି ମୋହର ଶାସ୍ତି ନାହିଁ । ତଥାପି ମୁକ୍ତ କଣ୍ଠରେ କହୁଅଛି ଯେ ଅବଶ୍ୟ ନୁହେଁ ବଦଳ ନୁହେଁ, ଏହି ଯୁଦ୍ଧରେ ଗୁରୁଥର ଏହା ପରି ଲଢ଼ି ଦେଖିଛି ସେ ସ୍ମାରକ ଆଉ କେହି ଦେଖାଯାଉ ନାହାନ୍ତି ।

ଏତେ କହି ଦେବବର୍ମା ନୀରବ ହେଲନ୍ତି ରାଜା ଆଜ୍ଞା ଦେଲେ "ଯାଅ"

ହଠାତ୍ ରାଜା ଶ୍ରୀମୁଖରୁ ନିଜ ନାମ ଶୁଣି କ୍ଷମା ଆନନ୍ଦରେ ରାଜାଙ୍କ ସମ୍ମୁଖରେ ଆସି ସାଷ୍ଟାଙ୍ଗ ଭୂମିଷ୍ଠ ହେଲା । ସମସ୍ତେ କ୍ଷମାକୁ ବାହା ବାହା କହିଲେ । କିନ୍ତୁ ସେ ସେହିପରି ଠିଆ ରହିଲା । ପାଖ ଲୋକଙ୍କ ମୁହଁରୁ ଉଠ ଉଠ ଏହି ଶୁଣିଲାରୁ ସେ ଉଠି କରଯୋଡ଼ ନମ୍ରଭାବରେ

ସ୍ତମ୍ଭରେ ଠିଆ ହୋଇ ରହିଲା । ତେବେଣ କେ କହିଲା ସ୍ୱମା ପ୍ରସ୍ତୁତ ଷମା ।- କେ-କହିଲା ଦେଖ ଦୁର୍ଯ୍ୟୋଧନଙ୍କୁ କାବୁଲୁ ଆଣିଲା । କେ- କହିଲା ଦେଖ କଉସିଦ୍ଧଙ୍କୁ ଧରିଲା । କେହିଜଣ କହିଲା ଯେ ଶତେକ ମାରିଲା ।

ଏହିପରି କେତେକାଳ କଥା ଶୁଣି ଥାଆନ୍ତି ବୋଲି ଧରି ନ ପାରେ । କିନ୍ତୁ ପାଖ ଲୋକଙ୍କ ଇଙ୍ଗିତ ଅନୁସାରେ ଅନ୍ତରେ ସମସ୍ତ ନୀରବ ନିସ୍ତବ୍ଧ ହେଲେ ଏବଂ ଜଣେ ଲୋକ ବାହାରୁ ଆସି ସ୍ତମ୍ଭରେ ଠିଆ ହେଲେ । ତହୁଁ ବେତ୍ରଧାରୀଙ୍କୁ ସମ୍ବୋଧନ କରି ରାଜା କହିଲେ "ଏହାଙ୍କୁ ଚିହ୍ନି ପାରୁଛ ?"

ବେ—"ହଁ, ଏ ଆମ୍ଭ ମହାରାଜାଙ୍କର ନଅରକୁବେରୋଇ ଥିଲେ । ଏହାଙ୍କ ନାମ ଚନ୍ଦ୍ରଶେଖର ପାଠକ । ସୁଖର ଅଳ୍ପ ଦିନ ପୂର୍ବେ ସେ ରାଜ୍ୟରୁ ଟିଲକୁଟିମ୍ବ ହୋଇ ଏ ରାଜ୍ୟକୁ ପଳାଇ ଆସିଥିଲେ ।

ରା—"ଏବେ ମନ ଦେଇ ଶୁଣ, ଏହାଙ୍କ ପରି ଆଉ ଲୋକେ ଏ ଦେଶରେ ଅଛନ୍ତି । ପ୍ରୟୋଜନ ହେଲେ ଆମ୍ଭମାନେ ବାହାରିବେ । କିନ୍ତୁ ପତିବ୍ରତା ମହାନ ସ୍ୱପ୍ନରେ ବାନ୍ଧିଲେ ପରି ତୁମ୍ଭେ ଜଗଦେବ ରାଜାଙ୍କୁ ଦାମିନୀ— ବାହୁମନ୍ତ୍ରାଳୟରେ ଜଣାଇ ଏତେକାଳ ଚକ୍ରବର୍ତ୍ତୀ ହୋଇଥିଲ । ଶାସନ ଓ ବିଚାରର କାର୍ଯ୍ୟ ତୁମ୍ଭଙ୍କୁ ଅଜଣା ନାହିଁ । ତୁମ୍ଭର ନୀଚ ଶାସ୍ତ୍ର ପରାଣ୍ଟଣ୍ଡ ଅଛି । ତୁମ୍ଭେ ଜାଣ ଯେ ସୀତା ଦୋଷଶୂନ୍ୟା ହୋଇଥିବା ନ ଥିବା ବୁଝିବା ପାଇଁ ଶ୍ରୀରାମଚନ୍ଦ୍ର, ମନ୍ଦୋଦରୀ, ସରମା ପ୍ରଭୃତିଙ୍କି ଜଣ୍ଡ ପଚରା ପରୀକ୍ଷା କରି ନ ଥିଲେ । ଅନ୍ୟଲୋକଙ୍କୁ ଦେଖାଇ କୈକେୟୀ ଦଶରଥଙ୍କୁ ସତ୍ୟ କରାଇ ନ ଥିଲେ । ଏହିପରି

କହିଲେ, ଶୋଚନୀୟ ହୋଇ ହେବ । ତୁମ୍ଭଙ୍କୁ ଅଧିକ କହିବାର ପ୍ରୟୋଜନ ନାହିଁ । ତହିଁକି ମଧ୍ୟ ବେଳ ନାହିଁ । ଆମ୍ଭର ମଧ୍ୟ ଆମ୍ଭମାନଙ୍କର ଏହି ମତ ବୋଲି ତୁମ୍ଭେ ଜାଣ ଯେ ନରଧର୍ମୀ ପାପ ପାଇଁ ଜଣେ ଦଣ୍ଡ ପାଉନ୍ତୁ କିନ୍ତୁ ତାହାର କୁଟ ବୁଦ୍ଧିକି ମନଗଢ଼ା ତର୍କକୁ ପ୍ରକାଶ ପାଇ ଜଣେଙ୍କୁ ଦୁଷ୍ଟ ଦୁରାଗ୍ରହ ଦୁର୍ବୃତ୍ତି ନକରୁ । ଏଥିପାଇଁ ଯେ ଧନ ସତ୍ତ୍ୱ କରୁଛନ୍ତି ସେହି ଏକା ଯାତି । ତାଙ୍କର ଅବସ୍ଥା ହେବାର ଦେଖାଗଲେ ମାତ୍ର ଭ ବ୍ୟବସ୍ଥା । ତୁମ୍ଭେ ସେସବୁ ଅତ୍ୟାଚାର ଅନାଚାର ଓ ପାପାଚାର କରିଅଛ ତାହା ମୁହଁରେ ଧରିବାର ନୁହେଁ । କପରି କି କି କରିଅଛ ତାହାସବୁ ପ୍ରକାଶ ହେଲେ ତହିଁରେ ଲୋକଙ୍କର କୁଶିକ୍ଷା ବ୍ୟତୀତ ସୁଶିକ୍ଷା ହେବନାହିଁ । ତୁମ୍ଭେ ଲୋକଙ୍କ ଆଖିରେ ଧୂଳି ଦେଇ ଦେଇ ଆସିଛ, କିନ୍ତୁ ଧର୍ମ ଆଖିରେ ଧୂଳିଦେଇ ପାରୁ ନାହିଁ । ବର୍ତ୍ତମାନ ସେହି ଧର୍ମକୁ ସାକ୍ଷୀକରି ବୋଲ ତୁମ୍ଭେ ପ୍ରାୟଶ୍ଚିତ୍ତର ଯୋଗ୍ୟ କି ନା ?”

ଦେ—“ଅବଶ୍ୟ ।”

ସ୍ୱା—“ଯେଉଁପରି ଦଣ୍ଡ ବିଧାନ କରି ଆସିଅଛ ତୁମ୍ଭେ ନିଜେ ସେହିପରି ଦଣ୍ଡର ଯୋଗ୍ୟ କି ନା ?”

ଦେ—“ଆମ୍ଭେ ଅନେକ ଧର୍ମ କର୍ମ ମଧ୍ୟ କରିଛୁ ।”

ସ୍ୱା—“ତୁମ୍ଭର ସବୁ ଧର୍ମ କର୍ମ ଦେଖାଇ ଦେଲଣି । ତୁମ୍ଭେ ଯେତେ କାଳଧରି ଅଧର୍ମ କରିଅଛ ସେତେକାଳ ଧରି ପ୍ରାୟଶ୍ଚିତ୍ତକୁ ଆମୁଖ ନାହିଁ । ତୁମ୍ଭର ଆଉ ଅଧିକ କହିବା ବିଡ଼ମ୍ବନା ମାତ୍ର । ତୁମ୍ଭର ଶିକ୍ଷା ହେବା ଉଚିତ । ଆଜି ତୁମ୍ଭଙ୍କୁ ଛାଡ଼ି ଦିଆଯିବ—କାଲି ପ୍ରାତଃକାଳରେ ଆମ୍ଭେ ନିଜେ ତୁମ୍ଭଙ୍କୁ ଶୂଳରେ ଦେଖିବୁଁ ।”

ଏତିକହି ରାଜା ନୀରବ ହେବାରୁ କିଙ୍କରମାନେ ବେବର୍ତ୍ତୀଙ୍କୁ ଶୂଳଆପଦାକୁ ନେଇ ବାହାରିଲେ । ଏହି ସମୟରେ ନିର୍ଲୋଭଙ୍କ ପାଇଁ କାହାରି ଭ୍ରୂକ୍ଷେପ ହେଲା ନାହିଁ । ବରଂ ସମସ୍ତଙ୍କ ମୁଖରେ ଆନନ୍ଦର ଲକ୍ଷଣ ଦେଖାଦେଲା । କିନ୍ତୁ ବେବର୍ତ୍ତୀଙ୍କର କୌଣସି ପରିବର୍ତ୍ତନ ଦେଖାଗଲା ନାହିଁ । ଗ୍ରାମକୁ ଅଇଲାବେଳେ ଯେପରି ଆସିଥିଲେ ଶୂଳଆପଦା ଆଡ଼କୁ ମଧ୍ୟ ସେହିପରି ଚାଲିଲେ । ତାଙ୍କ ଆଗେ ଆଗେ ସାଙ୍ଗ ପ୍ରଭୃତି ମଧ୍ୟ ପୂର୍ବପରି ଚାଲିଲା । ଏତେବେଳେ କେବଳ ଅଶ୍ରୁଧାରା ପ୍ରଜାବୃନ୍ଦଙ୍କ ବ୍ୟତୀତ ଆଉ କେହି ବେବର୍ତ୍ତୀଙ୍କ ସଙ୍ଗେ ଗଲେ ନାହିଁ । ସମସ୍ତେ ପୂର୍ବପରି ଦଣ୍ଡାୟମାନ ହୋଇ ରହିଲେ ।

ବେବର୍ତ୍ତୀ ଅନ୍ତର୍ହିତ ହେବାରୁ ରାଜା ଆଜ୍ଞାଦେଲେ ସବୁଜନ ସମ୍ମୁଖରେ ବେବର୍ତ୍ତୀଙ୍କ ଦୋଷାନୁସାରେ ଦଣ୍ଡ ହେଲା । ଖମାର ଗୁଣ ମଧ୍ୟ ପ୍ରକାଶ ପାଇଲା । ଏବେ ତାହାର ପୁରସ୍କାର ଏହାଠାରେ ଉଚିତ । ତାକୁ ଉଜିରର ପଦ ଦିଆହୋଇ ଶାଲ୍‌ଆଦି ଦିଆଗଲା । ଶୁଭସ୍ୟ ଶୀଘ୍ରଂ । ଏତିକି କହି ରାଜା ନୀରବ ହେଲେ । ପାଖ ଲୋକ ଜଣେ ଝଟକେ ପାଟକାନ୍ଥିଆ ନେଇ ଖମା ମୁଣ୍ଡରେ ବାନ୍ଧି ଦେଲା । ଖମା ଧୀର ଗମ୍ଭୀର ଭାବରେ ଆଗୁଆଇ ରାଜାଙ୍କ ପଦ ସ୍ପର୍ଶ କରି ସାଷ୍ଟାଙ୍ଗ ହୋଇ ଭୂଇଁରେ ପଡ଼ିଲା କିନ୍ତୁ ତାକୁ ଅଧିକକ୍ଷଣ ଏପରି ପଡ଼ିରହିବାକୁ ହେଲା ନାହିଁ । ଅବିଳମ୍ବେ ଜଣେ ପାଖଲୋକ "ଉଠ ଉଠ" ଡାକଦେଲା । ଖମା ଉଠି କରଯୋଡ଼ି ବିନୀତଭାବରେ ଠିଆହେଲା । ଏତିକିବେଳେ ମନ ତାହାର ଅଧୀନ ନୁହେଁ, ସେ ମନର ଅଧୀନ । ସୂର୍ଯ୍ୟକିରଣ କୁଜ୍ଝଟି ଭେଦ କଲାପରି ତାହାର ସବୁ ଚେଷ୍ଟା ବ୍ୟର୍ଥକରି ମନର କଲ୍ପନା ଆପେ ଆପେ ମୁଖଦର୍ପଣରେ ପ୍ରକାଶିତ ହେଲା ।

ଶ୍ରୀମୁଖଚନ୍ଦ୍ରନାୟକଙ୍କ ସଙ୍ଗେ ଘରକୁ ଫେରି ଗଲାଦିନ ଅନେକ ଦିନରେ ବାପ ଓ ଶମାମାଳିଙ୍କି ଏକାଠି ଦେଖି ସୁଖା ଯେପରି ତାହାର ମନୋଭାବ କିଛି ଜଣାପଡ଼ୁ ନଥିଲା ଆଜି ସେପରି ନୁହେଁ । ନୟନ, ନାସା ଅଧର ସବୁଥିରେ ପ୍ରଫୁଲ୍ଲ ମନର ବିକାଶ । କିନ୍ତୁ ହସ ନାହିଁ କି ଅଧୈର୍ଯ୍ୟର ଚିହ୍ନ ନାହିଁ ବରଂ ମର୍ଯ୍ୟାଦା ଅଙ୍କୁଶର କରଣୀ ସ୍ପଷ୍ଟ ଦେଖା ଦେଉଅଛି । ଅଙ୍କୁଶ ଧରି ବେକ ଉପରେ ମାହୁନ୍ତ ବସିଥିବାର ଜାଣି ସୁଦ୍ଧା କସାବର ପ୍ରଫୁଲ୍ଲ ମନରେ ଯେପରି ଚାଲି କରିଥାଏ ଶ୍ୟାମା ମନର ଗତି ସେହିପରି । ହସ କାନ୍ଦ, ସୁଖ ଦୁଃଖ ସଂକ୍ରାମକ । ଜଣେ ହସିଲେ କାନ୍ଦିଲେ ଆଉଜଣଙ୍କର ଅଳ୍ପ ବହୁତ ହସ ବା କାନ୍ଦ ହୋଇଥାଏ । ଏହା ଏକା ମନୁଷ୍ୟ ଠାରେ ଦେଖାଯାଏ ନାହିଁ, ପଶୁ ପକ୍ଷୀଙ୍କ ଠିକ ଚିତ୍ତ ମନ ଦେଲେ ଏହା ସ୍ପଷ୍ଟ ଜଣାଯାଇଥାଏ । ସୁତରାଂ ଶ୍ୟାମାର ଆନନ୍ଦଲହରୀ ତାହାର ଠାରେ ଆବଦ୍ଧ ନରହି ଶୁଦ୍ଧିଆତ୍ମେ ପ୍ରସରିଗଲା । ଅନ୍ୟମାନଙ୍କ ହୃଦୟ ତରଙ୍ଗାୟିତ ହୋଇ ମୁଖରେ ପ୍ରତିବିମ୍ବିତ ହେଲାପରି ଦେଖାଗଲା । କିନ୍ତୁ କାର୍ଯ୍ୟ କୁଶର ଫଳରେ ଶ୍ୟାମା ଯେପରି ଭାରାକ୍ରାନ୍ତ ହୋଇ ପଡ଼ିଥିଲା ଧାନଗଛ ଯେହି ନତମସ୍ତକ ଅନ୍ୟମାନେ ସେପରି ନୁହନ୍ତି । ସେମାନଙ୍କର ଆନନ୍ଦଲହରୀ ସୀମାବଦ୍ଧ ନୁହେଁ । ସେମାନଙ୍କ ଠାରେ ଦରହସ ଆଉ କଥାରେ ପ୍ରକାଶ ପାଇବାକୁ ସ୍ଥାନ ଏବଂ ପାଇ ପାରିଲା ।

ଲୋକେ ଧନ୍ୟ ମହାରାଜା ! ଜୟ ମହାରାଜା ! ଜୟ ମହାରାଜା ! ଶବ୍ଦ ଉଠିଲେ । କିନ୍ତୁ ରଜାଙ୍କର କିଛି ଆଉବାଙ୍କ ହେଲନାହିଁ । ରତ୍ନାକରରୁ ରତ୍ନ ଲଭି ଲୋକେ ସୁଖସାଗରରେ ଭାସିଥାନ୍ତି । କିନ୍ତୁ ସାଗର ଯେପରି ଥାଏ ସେହିପରି । ତାହାର ବୃଦ୍ଧି ନାହିଁ କି କ୍ଷୟ ନାହିଁ । ଧନନାଥଙ୍କର କାରଣ ନେଇ ଶବ୍ଦରେ

ସୁଧା ଦେବନରେ ଜଗଜ୍ଜନ ମୋହିଥାନ୍ତି । କିନ୍ତୁ ଦିବାକର ଅମାବାସ୍ୟା ଦିନ ଯେଉଁ ଦିବାକର, କୁମାରପୂର୍ଣ୍ଣିମା ଦିନ ସେହି ଦିବାକର । ସେ ସାହାବିହଣ ଦିବାକରଙ୍କ ପରି ରାଜା ନିଜ କାର୍ଯ୍ୟାନୁବର୍ତ୍ତୀ ହେଲେ ।

ସୁଖ ଦୁଃଖ ଦିନ ରାତ୍ରି ପରି ଜଗତରେ ଲାଗି ରହିଅଛି । ଏକ ଆଗ ଏକ ପଛ, ବୋଲିଯାଇ ନ ପାରେ । ସୁଖି ଦୁଃଖିଙ୍କ ମଧ୍ୟରେ ଯେ ସମ୍ବନ୍ଧ ଅଛି ତାହା ଊଷା ଆଉ ଗୋଧୂଳିକୁ ବୋଲି ଯାଇଥାଏ । କିନ୍ତୁ ଦୁଃଖୀଙ୍କ ମଧ୍ୟରେ କି ପ୍ରକୃତ ପ୍ରଭେଦ ତାହା ସେ ବୁଝିଁ ଜାଣୁଥିବେ । କାରଣ ଦେଖାଯାଏ ଯେ ଊଷା ଆଗମନରେ ସୁଖ ଟିକଙ୍କର ଯେ ଭାବ, ଗୋଧୂଳି ଦେଖାଇରେ ବ୍ୟାଘ୍ର ଭଲ୍ଲୁକଙ୍କର ସେହି ଭାବ । ଶିବା ରାତି ମଧ୍ୟରେ ଏ ବୁଝିଁ ଯେପରି ଅଛନ୍ତି ସୁଖ ଦୁଃଖ ହର୍ଷ ବିଷାଦ ମଧ୍ୟରେ ବି ସେହିପରି କାଳ ଅଛି । ଏପରି କାଳ ଉଭୟଙ୍କ ଆଘାତ ପ୍ରତିଘାତକୁ ଦେଉଥିବା ନଦେଇ ଦୁଃଖୀଙ୍କର ସ୍ରୋତ ଅବିରାମ ନୁହେଁ । ଦେବେ ବା ଅନ୍ତରେ ଉଭୟ ନିତ୍ୟ ନିର୍ବନ୍ଧ ହୋଇ ଥାନ୍ତି । ସୁତରାଂ କ୍ଷମା ଶାନ୍ତି ପାଇବାରେ ଯେ ଆନନ୍ଦ ଲହରୀ ଉଠିଥିଲା ତାହା ଧୀରେ ଧୀରେ ଉଛୁଳିଗଲା ।

ବୈଦେଶିକ ନୀରବ ହୋଇ ରାଜମୁଖାପେକ୍ଷୀ ହେଲେ । ତହୁଁ ରାଜା କହିଲେ "ବର୍ତ୍ତମାନ କଥା ଦେଖିବା ଉଚିତ । ଦେବଶ୍ରୀ ସ୍ୱର୍ଣ୍ଣ ଯେଉଁମାନେ ଧରା ହୋଇଛନ୍ତି ସେମାନେ ବନ୍ଦୀ ହୋଇ ବା ସ୍ଥାନୀକାଠରେ ପଡ଼ି ଅଛନ୍ତି । ସେମାନଙ୍କ କଷ୍ଟ ଶୀଘ୍ର ଦୂର କରିବା ଆବଶ୍ୟକ । ସେମାନଙ୍କୁ ମୁକ୍ତି ଦିଆଯାଇ ନପାରେ । ମୁକ୍ତିଦେଲେ ବି ନିଜ ରାଜ୍ୟରେ ତାଙ୍କ ଦୁରବସ୍ଥାର ସୀମା ରହିବ ନାହିଁ । ସେମାନେ ପରାଜିତ ବୋଲି ଗଣିତ ହେବେ ।

ସେମାନଙ୍କ ଯୋଗେ ଦେବସ୍ଥଳୀର ଏ ଦଶା ହେବା ସମ୍ବେଦନାରେ ରାଜା ତାଙ୍କୁ କି ଦଣ୍ଡ ଦେବେ ବୋଲିଯାଇ ନ ପାରେ । ତାହାଛଡ଼ା ସେମାନଙ୍କୁ ଶୂଳି ଦେବାଦ୍ୱାରା କେବଳ ଶତେ ପଶୁକୁ ଅବସ୍ଥିତି କରାହେବ। କେବଳ ଅଗ୍ନିରେ ନିଆଁ ପାଇଛିବା ହେବ । ଆହୁ ରାଜ୍ୟରେ ରହିଲେ ମଧ୍ୟ ସେହି ଫଳ । ସେମାନେ କେଉଁବେଳେ କି କରିବେ ବୋଲିଯାଇ ନ ପାରେ । ଯୁଦ୍ଧ ଶେଷ ହୋଇନାହିଁ । ଏମାନଙ୍କୁ ଏପରି ଛେଳ ଭୁଲିବା ଗଳାରେ ପଥର ବାନ୍ଧି ଭୁଲିଲା ପରି । କେବଳ ଏମାନଙ୍କର ଯନ୍ତ୍ରଣା ଭୋଗ ମାତ୍ର ସାର । ସୁତରାଂ "ମୂଳୁ ମାଇଲେ ସାପ ମରେ ଦେବଙ୍କ ଗଡ଼େ କାହିଁ କଳା ।" ଆଜି ରାତିରେ ସେମାନଙ୍କର ଶିରଚ୍ଛେଦନ କରାହେବ । ତାହା ଜଣେ ଦୁଇଜଣ କରିବେ ନାହିଁ । ଯୋଦ୍ଧାମାନଙ୍କ ଶୋଣିତ ପିପାସାର ତୃପ୍ତି ପାଇଁ ଯାହାକୁ ଯେତେଜଣ ଦେବାର ତାହା ବାଣ୍ଟି ଦେଇ-ଅଛୁଁ । ରାତି ମଧ୍ୟରେ ମୁଣ୍ଡକଟା ହୋଇ ଆପଣା ଆପଣା ଜାତିରେ ଆଗରେ ଶୂନ୍ୟ ଉପରେ ଥୁଆ ହୋଇଥିବ ଯେ କାଲି ପ୍ରାତଃକାଳରେ ଶୂନ୍ୟରେ ଦେବଗୋଷ୍ଠୀଙ୍କୁ ଦେଖି ନିଜେ ଆସିଣ ମୁଣ୍ଡର ସଂଖ୍ୟା ନେବୁଁ । ଯାଇ କାଳ୍ ବିବେଚନା ବା ଅନୁରୋଧ ଉପରୋଧରେ ଯେ ଜଣଙ୍କର ମୁଣ୍ଡ ମୁଣ୍ଡକାଟି ନ ଥିବ ଆଉ ସନ୍ଧ୍ୟାରେ ଏହିପରି ସହିତରେ ତାହାର ମୁଣ୍ଡ କଟାହେବ । ଏତେ କହି ରାଜା ନୀରବ ହେଲେ ।

ଏହା ଭଲ କି ମନ୍ଦ ନ୍ୟାଯ୍ୟ କି ଅନ୍ୟାଯ୍ୟ ଧର୍ମ କି ଅଧର୍ମ ରାଜା ଜାଣନ୍ତି । କାରଣ ତାଙ୍କର ଆଦେଶ ଅନୁସାରେ ଚୋରଡକାଇତ ବେତ୍ରାଘାତ ପାଉଥାଏ ବା କାରାଗାରକୁ ଯାଇ ନିଷ୍ଠୁର ଜଲ୍ଲାଦଙ୍କ ଯନ୍ତ୍ରଣା ଭୋଗ କରୁଥାଏ । ନରହତ୍ୟା ପାଇଁ ପ୍ରାଣଦଣ୍ଡ ହୋଇଥାଏ । ସେହି ରାଜା ଶତ ୨ ସହସ୍ର ୨ ଲୋକ ସେନା ଗୃହଦାହନ, ଦ୍ରବ୍ୟହରଣ, ଶତ ୨ ଲୋକଙ୍କର ଶିରଚ୍ଛେଦନ କରୁଥାନ୍ତି । ପୁଣି

ସୁଖରେ ଯେ ଯେତେ ଲୋକ ବା ଯେତେ ବାଡ଼ିଲୋକ ମାରିଥାଏ ସେହି ଅନୁସାରେ ତାହାକୁ ପୁରସ୍କାର ଦେଇଥାନ୍ତି । ଏହିପରି ଏକା-ନବର୍ତ୍ତରେ କାହାରି ଯୌବନାସ କାହାରିବା ସର୍ବନାଶ । ରେବତୀ ନିକେତନ ମହାପ୍ରାଣଙ୍କ ଦେଶରେ ଟିପ ଲଗାଇ ଥିଲେ ଜଗଦେବଙ୍କ ରାଜ୍ୟରେ, ସମା ହଣ୍ଡକାଠରେ ଛ ମାସ ସଡ଼ିଥାନ୍ତା । ସେଇଥି-ପାଇଁ ହରିଚନ୍ଦନମର୍ଦ୍ଦରାଜ ତାଙ୍କୁ ରତ୍ନଜଡ଼ି-ଶାଢ଼ୀ ଦେଲେ ସେଇଥିପାଇଁ ଜଗଦେବ ସଜା ଶୂଳି ଦେବାର କଥା । ଏହାପରି ଜଣେ ଦଶ୍ପି ପାଇଁ ପୁରସ୍କାର ଦେଉଛି ସେଥିପାଇଁ ଆଉଜଣେ ତିରସ୍କାର କରୁଛି । କିନ୍ତୁ ଏହା ସମା ଶାମାଙ୍କ ପରି ଆଦନା ଲୋକଙ୍କ କଥା ନୁହେଁ । ବଡ଼ ବଡ଼ ଲୋକେ ଯାହା ବ୍ୟବସ୍ଥା କରନ୍ତି ଆଉ ଆଉ ଲୋକେ ତାହା ଅନୁସରଣ କରନ୍ତି । ଏଥିପାଇଁ ଲୋକେ ବଡ଼ ହେବାକୁ ଇଚ୍ଛା କରନ୍ତି କି ନା ସେମାନେ ଜାଣନ୍ତି । କିନ୍ତୁ "ରାଜାନୁଗତ ଧର୍ମ" କଥାରେ କାହାରି ଦ୍ୱିରୁକ୍ତି ନାହିଁ । ରାଜା ଟ୍ରେଚେରି ଟ୍ରେଚେରି ଶୁଣିଲେ ଆମ୍ଭମାନେ ତାହା ଅନୁକରଣ କରିବାକୁ ତିଳେ ବିଳମ୍ବ କରନ୍ତି ନାହିଁ । ସୁତରାଂ ରାଜାଜ୍ଞା ସମସ୍ତଙ୍କ ମନକୁ ଦେଖିଲା । ଗଣ୍ଡିଆ ମାରିବା ସମସ୍ତେ ସୁଖକର ମଣି ଜୟ ଜୟ ଧ୍ୱନି କଲେ । କିନ୍ତୁ ରାଜା ପୁଣିଥରେ କଣ୍ଠକାର ସ୍ୱରରେ ରାଜ୍ୟ ଶାସନୋନ୍ମୁଖ ହେଲେ, ଦେଖା ଯିବାରେ ସମସ୍ତେ ନେଲଣି ହେଲେ । ରାଜା ଚଣ୍ଡିକା ବଜେ କଲେ । ଆମ୍ଭମାନେ ଆପଣା ଆପଣା ବାଟ ଧରିଲେ ।

# ଷଷ୍ଠ ପରିଚ୍ଛେଦ

ହରିଚନ୍ଦନ ମର୍ଦ୍ଦରାଜଙ୍କ ସଭା ମଉଳିଲା ବେଳକୁ ଦିବାକର ପଶ୍ଚିମ ଦିଗସ୍ଥ ପର୍ବତମାଳା ଡେଇଁ ଯାଇ ଥିଲେଣି । ବାରୁଣୀ ଅଙ୍କାଶ୍ରିତ ଦିନନାଥଙ୍କ ଅଂଶୁମାଳାରେ ଶିଖରଗୋମାଦ କାଞ୍ଚନ ମଣ୍ଡିତ ପରି ଦେଖା ଯାଉଥିଲେହେଁ ଗ୍ରାମ୍ୟଦେବୀଙ୍କ ଚରଣରେ ଉପତ୍ୟକା ଖଣ୍ଡ ଆବୃତ ହୋଇଗଲାଣି । ରାବଣକୁ ରାମଚନ୍ଦ୍ର କମ୍ବା କଂସକୁ ଯଶୋଦା ନନ୍ଦନ ପରି ବୈବର୍ତ୍ତା ତ୍ରିଲୋଚନ ମହାପାତ୍ରଙ୍କୁ ମୁକ୍ତି ନ ଦେବା ଭଲ୍ଲାରେ କମ୍ବା ତାଙ୍କୁ ଶୂଳ ଦେବାକୁ ଅଧର୍ମ କାର୍ଯ୍ୟ ମଣି ତାହା ନ ଦେଖିବା ପାଇଁ ଧର୍ମଦେବ ବେଦ ଅନ୍ତରାଳକୁ ଗଲେ ତାହା କେ ଜାଣନ୍ତି । କେ ସଂଧ୍ୟାବେଳେ କେ ସବୁବେଳେ ସୂର୍ଯ୍ୟ ଦିଗାଦର ଖେଳ ଲଗାଇ ରଖିଛନ୍ତି । ଯେପରି ତାଙ୍କ ଆଗମନ ଏକ ଦିଗରେ ଉଷାଦେବୀ ଉଠାଇଲେନ୍ତି ନିରନାଶ ପ୍ରଭୃତି ଦୁର୍ଦ୍ଦୋଷ୍ଟପ୍ପଳ ବଦନରେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରୁ ଅଛନ୍ତି । ସେହିପରି

ଅନ୍ୟ ସ୍ଥଳରେ ନିଶାଦେବଙ୍କ ଦୂତୀ ସନ୍ଧ୍ୟା ଦେଖି ଜୀବଜନ୍ତୁ ପ୍ରାଣୀମାନେ ଆର୍ତ୍ତନାଦ କରି ନିଜ ନିକେତନାଭିମୁଖେ ଧାବିତ ହେଉଅଛନ୍ତି । ମୃତ ଉଦୟ ଅସ୍ତରେ ଏହିପରି ଲାଗି ରହିଅଛି । ସୃଷ୍ଟି ଯେ ଏକ ସ୍ଥାନରେ ଯେତେବେଳେ ଉଦୟ ଦିଗ୍‌ଚକ୍ରାନ୍ତରୁ ଅନ୍ୟ ସ୍ଥାନରେ ସେତେବେଳେ ଅସ୍ତାଚଳ ଶୃଙ୍ଗାଗ୍ରେ, ଏହିପରି ଦିବାଗମନ ନିଶାଗମନ ଲାଗି ରହିଅଛି । ହର୍ଷ ବିଷାଦ ଓତପ୍ରୋତ ଲାଗି ଅଛନ୍ତି । ପ୍ରକୃତ ଧର୍ମଦେବ ହେଉନ୍ତୁ ବା ନ ହେଉନ୍ତୁ ତାଙ୍କର ଆଦେଶରୁ ଏହି ଶୃଙ୍ଖଳା ସବୁ ଦିନର ଲୀଳା ସବୁବେଳେ ସବୁକାଳେ ଲାଗି ରହିଅଛି । କିନ୍ତୁ ଏ ଲୀଳା ଖେଳ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଦେଖାଯାଏ ନାହିଁ । ଯେଉଁ ସ୍ଥାନରେ ପ୍ରଭାତ ସେ ସ୍ଥାନରୁ ସନ୍ଧ୍ୟା ହେଲା ସ୍ଥାନ ଦୃଷ୍ଟିର ବାହାରେ । ଏଣୁ ବୋଲି ସ୍ଵରୂପନ ମର୍ତ୍ତ୍ୟବାସୀଙ୍କର ଦୃଷ୍ଟିରେ କେବଳ ଗୋଟିଏ ହେବନାହିଁ । ସେଠାରେ ହର୍ଷ ଓ ବିଷାଦର ଦୁଇସ୍ରୋତ ଏକତ୍ରରେ ପ୍ରବାହିତ । ଏକ ସ୍ଥଳରେ ଦେବତାଙ୍କର ସ୍ତୁତି, ତାଙ୍କ ଠାରେ ବନ୍ଦୀମାନଙ୍କ ମୁଣ୍ଡ କାଟ ହେବ । ସେଥିପାଇଁ ବଳି ବନ୍ଦୀ ହୋଇ ସେମାନେ ବଞ୍ଚାଇଛନ୍ତି । ସେମାନଙ୍କ ମଧ୍ୟରୁ କେହି ପ୍ରାଣପ୍ରିୟା କଥା ମନେ ପକାଉଛି । କେହି ବୃଦ୍ଧ ପିତା ବା ପ୍ରାଣୋତ୍ତମ ଏକମାତ୍ର ପୁତ୍ରର ଭବିଷ୍ୟତ ଚିନ୍ତା କରୁଛି । କେହି ବା ଇଷ୍ଟଦେବଙ୍କ ପଦାରବିନ୍ଦରେ ଧ୍ୟାନ ଲଗାଇଛି । କିନ୍ତୁ ସମସ୍ତେ ନୀରବ, ଦୁଃଖ ଯାତନାରେ ହୃଦୟ ଖଣ୍ଡପର ପରିପୂରିତ । ନିଶାତ ତିମିରରେ ଏଣ ବନ୍ଦୀ ଜଣାନ୍ତି । ଅପର ସ୍ଥଳରେ ଆନନ୍ଦର କଲ୍ଲୋଳ ନିନାଦ, ଦୁର୍ଗୋତ୍ସବ ଦର୍ଶନରେ ସୁଖ ଯାତ୍ରୀର ଉତ୍ଫୁଲ୍ଲ ଚିତ୍ତ । ସାଙ୍ଗରେ ନୃତ୍ୟ ଗୀତ ପାନାହାରର ସ୍ରୋତ ପ୍ରବାହିତ । ସ୍ଵଗୃହ ଲକ୍ଷ୍ମୀଙ୍କ ଚରଣ ଦର୍ଶନରେ ହୃଦୟରେ ସମସ୍ତେ କ୍ରୀଡ଼ା କୌତୁକରତ । ଯେଉଁମାନଙ୍କ ମୁଣ୍ଡ କାଟହେବ ସେମାନଙ୍କ ପାଇଁ

ନିକାଶ୍ରିତ । ଏପରି ସୁଫୁଲ୍ଲ ରାଜ୍ୟରେ ଆଜି ସ୍ୱୟଂ ଉଣକତ ଅଶ୍ୱମେଧ ଯଜ୍ଞର ଅଶ୍ୱ; ' ତାହାର ଚର୍ଚ୍ଚା ସୁବାକାକ । ସେ ରାଜାଙ୍କର ସବଶେଷ ଅନୁଗ୍ରହପାତ୍ର । ତହିଁରେ ପୁଣି ଉତ୍କଳର ଶାର୍ଦ୍ଦୀ ସବାଂ ପାଇଛନ୍ତି । ରାଜାଙ୍କ ସମ୍ମୁଖରେ ଲୋକେ ବାହାବାହା କରୁଛନ୍ତି । ବାଟରେ ଗଳ୍ପବଳେ ଓ ନିର୍ଲୋକ ଦେବାର୍ଣ୍ଣଙ୍କ ନିନ୍ଦା ଏବଂ ନିଜର ପ୍ରଶଂସା ଶୁଣୁଛନ୍ତି । ସେ ଜାତିରେ ଭୂଇଁଆ ହେଲେ ହୋଇ ଗୁଣ୍ଡ ଖାଇନାହାନ୍ତି । ତା ଜାତିରେ ମଦ ଖାଇବା ମନା ନୁହେଁ । ମୁହଁରୁ ସୁଗନ୍ଧ ବା ଦୁର୍ଗନ୍ଧ ବାହାରୁଥିଲେ ବି ତା ଜାତି ଲୋକେ ଜଣାନ୍ତଙ୍କ କାହାକୁ ପାଇପାରନ୍ତି । ସେମାନଙ୍କ ହାତରୁ ବ୍ରାହ୍ମଣ କରଣ ପ୍ରଭୃତି ପାଣି ଗ୍ରହଣ କରନ୍ତି । ସୁତରାଂ ରାଜାଙ୍କ ଗ୍ରାମରୁ ନେଲାଣି ଚେରୁଆମାନଙ୍କ ରସ ଟୋକିବା ପ୍ରଭୃତି ମଦ ସଙ୍ଗେ ମହୁଲି ମଦ ଇଚ୍ଛାନୁରୂପ ଯୋଗ କରିବାରେ କାତର ହୋଇନାହିଁ । ଗାଞ୍ଜ ସାତ ନାଳି ମିଶି ଗୋଟିଏ ନିଶ ଦେଲାପରି ଖୁମା ହୁଏବୁ ଆଜି ମନରେ ସବୁ ନଦ ଜୋଡ଼ିଦେଇ ହୋଇ ଗୋଟିଏ ପ୍ରବଳ ବଳବତୀ ସ୍ରୋତସ୍ୱତୀ । ତଥାପି ତାହାର ମନ୍ତ୍ରୀଆଳଙ୍କ ରଙ୍ଗ ଭଙ୍ଗ ନାହିଁ । ଯୁଦ୍ଧରେ ଜଣି କୁଞ୍ଜରୁ, ଶିଆଳି, ପଞ୍ଚୀ ଖୁଆଡ଼ି ପ୍ରଭୃତି ଯେପରି ଗମନ କରିଥାନ୍ତି ସେହିପରି ଗଡରେ ସେ ନିଜେ ଛଡ଼ବାଳକ ଚାଲି । ସେଠାରେ ଯହଁ ପୁନଶ୍ଚ ମୁଖ ପାନକରି ନରଶୋଣିତ ଆଶାରେ ବାହାରର ବନ୍ଦୀମାନଙ୍କ ମୁଣ୍ଡ କାଟିବା ଅପେକ୍ଷାରେ ରହିଲା ।

ପୂର୍ବବତ ନିଶା ଆସିନାହିଁ କିନ୍ତୁ ଏମାକୁ ନିଶା ଅଇଲାଣି । ସେ ଅନେକ ଦୁଷ୍ପାନ କଲାଣି । ତହିଁରେ ତାହାର ଶୋଣିତ ପିପାସା ନ ତୁଟି ବଢ଼ିଲା ହରି ଜଣାଯାଏ । ସେ ବର୍ତ୍ତମାନ କେବଳ ବନ୍ଦୀମାନଙ୍କ ଆଶାରେ ବସିଛନ୍ତି । ଏପରି ଅବସ୍ଥାରେ ତାହା ମନରେ

କି ଶତାସ୍ତୁତି କରୁଅଛୁ ତାହା ସେହିଁ ଜାଣେ ।"- ଭିତର କଥା ରାଜାଜ୍ଞା ବାହାରେ ସାଇକେ ଭଣ୍ଡାରେ ବନ୍ଦୀ ଓ ଶ୍ୟାମା ଦେଶକ ଅପସ୍ମୃତି ହୋଇ ତାଙ୍କ ସେହି ମନ୍ତ୍ରୀକଟା ।-ବନ୍ଦୀ ରଖିବାକୁ ଶ୍ୟାମାକୁ କହିଲେ ଏବଂ ରାଜକନ୍ୟାଙ୍କ ଆଜ୍ଞା ପ୍ରଦର୍ଶିତ ସ୍ଥାନରେ ପାଞ୍ଚଜଣ ବନ୍ଦୀ ଓ ସାଇତୋଳା ତୁଙ୍ଗା ରଖି ଦେବେ ବୋଲି ସ୍ଥିର କଲେ । ଏଣେ ଦେବଳକୁ ଧନ ସମ୍ପତ୍ତି କାଳୁ ଗତ ହୋଇନାହିଁ । କଣାଦେବଙ୍କ ଘଣ୍ଟାରେ ଯଶ ଅଙ୍କିତା ହୋଇନାହିଁ । ଅଳଙ୍କାର ଆଦି ନାହିଁ । କାଳୁ ଅଦୃଶ୍ୟ ହୋଇନାହିଁ କି ଅନେକ ଅଭାବରୁ ଧୂର୍ତ୍ତିକରୁ ଅଣଣ ଅସନ ହୋଇନାହିଁ ।

କିଛିକ୍ଷଣ ଭିତରେ ସେ ସେତେବେଳେ ବନ୍ଦୀ ମାନଙ୍କ ନିକଟକୁ ଗଲେ ସେତେବେଳେ ସେଠାରେ ଆଉରେ ନବେ ନିରୁଦ୍ଧ ହୋଇ ମୂର୍ଚ୍ଛିତ ଅଚେତ ହୋଇ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧ ଓ ଜଣେ ଯୁବାର ବନ୍ଧନ ମୁକ୍ତ କରି ସେ ବୁଦ୍ଧିଙ୍କି ଅଟେଣା ଗୃହ-ଦେବାଳ ଭିତରକୁ ନେଇଗଲେ । ସେଠାରେ କ ଦେଖିବା ଯାଏ କାହାରି ବୁଦ୍ଧି ଯିବା ନ ଥିଲା । ସେଠାରେ ପଛ ଦେଖି କାଳୁ କହିବା ପ୍ରବେଶ ଦେବତେ ପରସ୍ପରକୁ ଆଲିଙ୍ଗନ କଲେ । ଏକ ପଟରେ ଏକା ଶ୍ୟାମା ଅନ୍ୟର ଧନରେ ଅନ୍ୟ ପୁରୁଷଙ୍କ; ବୃଦ୍ଧା କାଳି ଉଦରେ ଶ୍ୟାମାର ଓ ତାହା ବୁଲ କାନ୍ଧରେ ଅନ୍ୟ ବୁଦ୍ଧିଙ୍କର ମୁଣ୍ଡ । କାହାରି ମୁହଁରେ କଛି କଥା ନାହିଁ । କେବଳ କାହିଁ କାହିଁ ହେଉ ଶୁଣୁଛି । ଆଖି ଡେନ୍‌କର ଗ୍ରୀତ ପଞ୍ଜର ପଡ଼ୁଛି ଉଠୁଛି । ତାହା ପଛେ ସଙ୍କେ ବୃଦ୍ଧା ଅଶ୍ରୁ ଧାରା ଟିକିରେ ଅଶ୍ରୁଧାର, ଶୋକର ଧାର ଏହିପରି ବହି ଯାଉଅଛି । ଏଥିରେ ଜଣେ ଭାଙ୍ଗୁ ଦିଏ । କଥା ବାହାରିବାକୁ ବାଟନାହିଁ । ସୁଖ ଦୁଃଖର ପ୍ରବାହରେ ଏହିପରି ସ୍ୱଭାବତଃ ଘଟିଥାଏ । କାହିଁ

କାହିଁ ଏଣ୍ଡି ଦେହ୍ରାଭିତରେ ପଡ଼ ପ୍ରାଣବାୟୁ କେବେଣେ ଛିଡ଼ିଯାଏ, ତାହା ଜଣାପଡ଼େନାହିଁ । ତାହାର ଗତି ହ୍ରାସ ହୋଇବା ଯାଏ ବଡନ୍ତ ବାହାରି ପାରେନାହିଁ । ଉପରା ଅଧର ଉଲ୍ଲଙ୍ଘ ତଳପାଟରେ ନାହିଁ । କିନ୍ତୁ ଏହା ଅଶିର-ସ୍ଥାୟୀ-ଗିରି-ନଦୀ ଠାରୁ ମଂଗଆଦି ଅଧିକଳଙ୍କ ସ୍ଥିର ଅଟେ ।

ଉପସ୍ଥିତ ଜନଙ୍କ ମଧ୍ୟରେ ଏହା ପ୍ରଶ୍ନ ଦେଖାଗଲା । କିଛିକ୍ଷଣ ନିରବ ଭାବରେ ଚାଲିଲା ବୁଢ଼ା କହିଲା ବାପ ଘମ ! ନଳିବେଳକୁ ତତେ ଦେଖିଲି ଏହି ମୋର ଭାଗ୍ୟ" । ଘମା ଉତ୍ତର ଦେଲା "ବୋପା କିଛି ଖାଇବାକୁ ପାଇ ନ ଥିବ, ଆଗେ ଖାଅ ପିଅ ସେଥିରୁ ସବୁ କଥା ।" ଏହା କହି ଘମା ମଦ ମାଂସ ଉଲ୍ଲଙ୍ଘ ବାହାର କଲା । ତିନିହେଁ ସେଷୋମତେ ଖାଇଲେ, ପିଇଲେ । ତ୍ରୁକୃତି ଦେବଙ୍କୁ ଦଣ୍ଡବତ୍ କରି ବାପ ଭାଇଙ୍କ ସଙ୍ଗେ ଘମାର କଥାବାର୍ତ୍ତା ଚାଲିଲା ।

ଅନେକ ଘର କଥା ଚାଲିଲା, ବୁଢ଼ା କହିଲା ବାଣାସୁରର ଗୋଟିଏ ପୁଅ ହୋଇଛି । ମା ପୁଏ ଭଲ ଥିଲେ । କିନ୍ତୁ ଆମେ ବାପ ପୁଏ ଘର ଛାଡ଼ିଲି ଦିନୁଁ କ ହେଲଣି ତାହା କହି ନ ପାରେ । ଲୋକେଇକି କହେଁ ବାପ ପୁଅ ଦୁହେଁ ଅଛନ୍ତି ବୋଲି ଘମା ପଚାରିଲାରୁ ବୁଢ଼ା କହିଲା; "ଜଗଦେବଙ୍କ ରାଜ୍ୟ କଥା ତେବେ ଅଜଣା ନାହିଁ । ଆଜି ଦେଶ-କଅଣ କହିବ ? ସେ କଥା ଛାଡ଼ । ବାପ ! ତୁ ଅନେକ କହିଲୁ ତୁ ଏତିକ କହିଁ ଉଭୁଲୁ ? ଏତେଦିନ ହେଲା କିଛି ଖବର ଅନ୍ତର କାହିଁକି ନ ଦେଲୁ ? ତୁ ଏମନ୍ତ କାହିଁଦେବୁ ବୋଲି ମୁଁ ଜାଣି ନ ଥିଲି ।"

ଘମା—"ମୁଁ ହେଉଛୁ ଏପାକୁ ଉଡ଼ିକି ଯାହା ଯାହା ହେଲା ସେ ଅନେକ କଥା । ତାହା ଛାଡ଼ ଦିଅ । ଅଡ଼କା କଅଣ କରିବା ତାହା ଅଛି ।"

ବୁ—ମତେ କିଛି ବୁଝି ହେଉ ନାହିଁ ।

ଶ୍ୟା—ତୁମେ କି ସବୁ କଥା ଜାଣ ?

ବୁ—ହଁ, କହୁଥିଲେ ଯେ ଆଜ୍ଞା ଲଙ୍ଘ ଭିତରେ ଆମ ମୁଣ୍ଡ କଟାଯିବ । ସେଇଥି ପାଇଁ ଆମକୁ ଏଠି ଦେଇଗଲେ ।

ବୁ—"କହୁଥିଲେ ଯେ ଆମ ମୁଣ୍ଡ ଯେ ନ କାଟିବ ତାହା ମୁଣ୍ଡ କଟାଯିବ । ଏ ସତ କି ?

ଶ୍ୟାମା କିଛି ଉତ୍ତର ନ ଦେବାରୁ ବୁଢ଼ା କହିଲା "ଠାକୁରାଣୀ ଯାହା କରିବାର କରିବେ ତୁ ସତ କଥା କହୁ ନାହୁଁ କାହିଁକି ?"

ଶ୍ୟା—ହଁ ତୁମକୁ ସେହି ଆଜ୍ଞା ହୋଇଛି । ସେ ଆଜ୍ଞା ତଳେ ଟଳିବାର ନୁହେଁ ।

ବୁ—ସବୁରି ମୁକୁନ୍ଦ, ଆମର ଏଠାରୁ କାଢ଼ିବାକୁ ପାଇଁ ଏ ସବୁ ଆଜ୍ଞା ଘଟିଛି ?

ଶ୍ୟା—"ସେହିପରି ଦେଖାଯାଉଛି ।"

ବୁ—"ତୁମକୁ କି ଆଜ୍ଞା ହୋଇଛି ?"

ଶ୍ୟା—"ଯେ ମୁଣ୍ଡ କାଟି ନ ଥିବ ତାହାର ମୁଣ୍ଡ କଟାଯିବ ।"

ବୁ—"ଯାହା ମୁଣ୍ଡ କଟା ହୋଇଥିବ ତାହାର କି ହେବ ?"

ଶ୍ୟା—"ତାହା କିଛି ଆଜ୍ଞା ହୋଇ ନାହିଁ ।"

ଏହା ଶୁଣି ବୁଢ଼ା କାନ୍ଦିବାକୁ ଲାଗିଲା । ତାକୁ ବୁଝାଇକରି ଶ୍ୟାମା କହିଲା "କାନ୍ଦିଲେ କି ହେବ ? କଅଣ କରିବା ତାହା ବାଟ ଦେଖିବା ।" ବୁଢ଼ା ଉତ୍ତର କଲା "ମୁଁ ସବୁ ଦେଖୁଛି । ଅନକୁ ଛାଡ଼ିଲେ ଆମେ ଦୁହେଁ ଅଟକିଥିବୁ । ତୋ ମୁଣ୍ଡ ଅଟକିବ ।

ହେଲେ ଆମର ଯାହାହେଉ ଉଡେଇ ଆଉ କିଛିବ ନାହିଁ !” ଏହା କହି ବୁଢ଼ା ପୁଣି କାନ୍ଦିଲା; କାନ୍ଦି କାନ୍ଦି କହିଲା “ତୋ ମା ଦେଖି ଦୁଃଖରେ ଚାଲି । ଏହାତ ଦେଖିବାକୁ କି ମୁଁ ଏତେକାଳ ବସି ରହିଲି ? ମୁଁ ଏ ମଲି କାହିଁକି ? ଅରେ ବାପ ଯମ ! ମତେ ଆଗେ ମାରିଦେଲୁ, ତେବେକି ଏମ ଦୁଇ ଭାଇଙ୍କର ଯାହା ହେବ ମୁଁ ଦେଖନ୍ତି ନାହିଁ କି ଶୁଣନ୍ତି ନାହିଁ ।”

ଶ୍ୟା—“ତାହା ସବୁ ଛାଡ଼, ପଛରେ ଭାବିବା ସେ କଥା କହ ।”

ବୁ—“ତୁ କହିଲୁ ଏଠାକୁ କାହିଁର ଆସିଲୁ ଏପରି କାହିଁକି ହେଲୁ ?”

ଶ୍ୟା—“ଦେଖୁଛ, ମୋହର କପାଳକୁ ଏ ସବୁ ଘଟିଛି ! ସେମାନେ ଲଙ୍କା ତେଜଣ ଗୀ, କରମ ଦେନି ବୁଲୁଥା ।”

ବା—“ବୁଢ଼ା ଯାହା କହୁଛି ତାହା କର । ତୁ ବି ତାହାପରି ହେଲେ କଅଣ ହେବ ।”

ଶ୍ୟା—ମନ କଥା ମନରେ ରଖି ୨ ତ ଏହା ଅଧି ଘଟିଲା; ଆଉ ରହିଲେ କି ହେବ କେ ଜାଣେ ? ମୁଁ ତୋମାନଙ୍କୁ କଲହେଉଥିଲି । ବାପ କହିଲେ ସେ ଭାଇକ ବାହାହେଲି । ବଳିଦେଇ ବି ଭାଲ କହୁଥିଲେ । ସେ କଥା ମତେ ଯାଉ କାଟିଲା । ତୋମାନଙ୍କୁ ଦେଖିଲେ ବାପା ଭାଇ ଏହାଙ୍କ ଉପରେ ଖାଲି ରାଗ ହେଲା । ଭାଇକ କମିଆ କରିବାକୁ କେତେକ କହିଲେ । ବାପା ଭାଇ କେଉଁ ମୁଆଁଯ ଲୁଡେଲା ନାହିଁ । କମିଆ କଥା ସେ କହିଲେ ତାଙ୍କୁ ମାଗରେ ପୂରୁକଲା ନାହିଁ । ତୋମାନଙ୍କୁ ଠାରୁ ଦୂରରେ ୨ ରହିଲି । ତାଁ ଛାଡି ପଳେଇବି ବୋଲି ମନେକଲି । ଏହି ସମୟରେ ରାଜିଆ ଆଇଲେ । ତାଙ୍କ ସଙ୍ଗରେ ଚାଲି । ରାଜାଙ୍କ ଉଦ୍ୟାନରେ ରହିଲି । କାଲି ରାତ୍ରି

ଜଗିଲା ନାହିଁ । ଘରେ ଆଉ ମନ ଧାଇଁଲା । ଆଗ କଥା ସବୁ ମନେପଡ଼ି ଘରକୁ ଯିବାକୁ ମନ ହେଲା ନାହିଁ । ଘୁମୁ ଟେରେ ସୁଖ ପାଇଲେ ନାହିଁ । ତାଙ୍କ ବନ୍ଧୁମାନେ ଯାଇ ପାଟରାଣୀ ହେମାର କାରଣଙ୍କ ଭିତରେ ରହିଲା, ତାଙ୍କ ସାଙ୍ଗରେ କଣ୍ଠ ମନ ମାନିଲା । ଦୁଃଖ ପଳାଇ ଆସିଲା ବେଳେ ତାଙ୍କ ସଙ୍ଗରେ ଏ ରାଜ୍ୟକୁ ଆଇଲା । ରାଜ୍ୟ ଛାଡ଼ିଲାରୁ ମନ ବଦଳାଗଲା, କାନବାସ କଲା, ତାହାଁ ଅଟେ ଦୁଆନ, ଚେରୁ ଘୁମୁଙ୍କ ଆଖି ହେମା ଉପରେ ପଡ଼ିଲା । ରାଜା ସୁଖ ପାଇ ଭିତରେ ରଖିଲେ । ସୁଖରେ ରହିଲା । ଦୃଷ୍ଟିଆଙ୍କ ପରି ହେମା ଉପରେ ପଡ଼ିଆରି ହେଲା । ଉପରକୁ ଟିକିଏ ୨ ଗୁଣ ୨ ଅଣ ରାଜା ରଣକରୁ ଟାଣି ବେଲ ଶାସ୍ତ୍ରୀ ଦେଲେ ।” ଏତିକି କହୁ କହୁ ଭୀମା ଚିଲ୍ଲିଙ୍କ ପରି ଜାଣି ଦେଖାଇଲା । କାନ୍ଦ କାନ୍ଦ କହିଲା “ବାବା, ମୋ କପାଳରେ କଅଣ ଘୁରୁଛନ୍ତି । ମୁଁ କଅଣ କରିବ !”

ସାଧୁ—କାନ୍ଦନା, କାନ୍ଦନା, ଆମକୁ କିଛି କାହିଁକି କହିଲୁ ନାହିଁ । ମତେ କାହିଁ ପର କରିଦେଲୁ ?

ଭୀ—ପାପମନ, ସବୁ କଥାରେ ସତ୍ୟ ଭୁଲେ । ମନେକଲି ଘର ସାଙ୍ଗରେ ନତା ଲଗାଇଲେ କଅଣ ନାହିଁ କଅଣ ହେବ । ଏହାପରି ମନ ବଢ଼ିଗଲେ ଚଳି । ଦେଖିଛୁ ଯେ “ବାଲିବ ବଢ଼ନ୍ତି ମଣିଷ ଶାଳ ଟେଶିକ ନଅର ଟେଶିକ ଯାଇ ।” ତେମନ୍ତ ମୁଣ୍ଡ ଯେ ମୋର ହାତରେ ଦେବ ତାହା ତେମେ ଜାଣିଥିଲ, ମୁଁ ଜାଣିଥିଲି ନା ଘୁମୁ ଜାଣିଥିଲେ ? କଥାରେ

ଯାହା ବ୍ରହ୍ମା ମନ ଜଗତ ଉପରେ ଥାଏ, କରମ ସ୍ୱଆଳି ବନ୍ଧାଇ ଥାଏ । ତାହା ପରେ ମୁଁ ମଲେ ଭଲ, ନ ମଲେ ହେବ ନାହିଁ !

ଧା—ତୁ କଅଣ ଦେଖିଛୁ କଅଣ କରିଛୁ ଯେ ତୁ ମରିବୁ ? ମୁ ଆଜି କେତେକାଳ ଗଲିଣି ? ସକଳ ପ୍ରଅଟିଏ ହେଲଣି ! ବଳ ରହିଲାଣି । ତୁ ତ ବାପା ହୋଇନାହୁଁ । ଆମ ବୁଝିଙ୍କି ମାନିଛେ । ତୁ ବୁଝିବୁ । ମୋର ଏତିକି ଅଂଶ ରହିଲା ବୋଲି ଜାଣି ମୁଁ ମରିବି । ମଲାବେଳେ ମୋ ମନରେ କିଛି ଦୁଃଖ ନ ଥିବ !

ବା—ତୋହର ଆଜ୍ଞା କହୁଛି । ମନେକର ଆମେ କଷ୍ଟରେ ମରିଛୁଁ । ଆମର ବି ଅବାର ହୋଇ ଯାଇଥିଲେ ତୁ ବା ତ ଚିହ୍ନି ପାରି ନ ଥାନ୍ତୁ । ଭଲ ଅଇଲା ବେଳେ ଦେଖା ଦେଇ ହେଲାଣି ଏହି ବେଳ !

ଶ୍ରୀ—ମୁଁ ବାପ ଡାକିବି ମାରିବ ! ମୁଁ ମଲି !

ଧା—ଆମକୁ ମାରିବାକୁ ଆଉ କାହାକୁ ଦେଇ ଅଛି ଦୁଇ ଜଣ ବଳିଆ ଆଣି ।

ଶ୍ରୀ—ସେ କଅଣ ଆପେ ମାରିବା ହେଲା ନାହିଁକି ? ମାରିବା ସେ ମରାଇବା ସେ ।

ବା—ବିଭୀଷଣ କହି ରାବଣଙ୍କୁ, ସୁଗ୍ରୀବ କହି ବାଳୀଙ୍କ ମରାଇ ଥିଲେ !

ଶ୍ରୀ—ସେ ଅସୁର ଆଉ ବାନର । ତାଙ୍କ କାମ କି ମଣିଷ କରିବ ? କେକୟୀ (କୈକେୟୀ) ରାମଙ୍କୁ ବଣକୁ ତଡ଼ି ଦେଇଥିଲେ, ଭରତ ରଜା ହୋଇଥିଲେ କି ?

ଯା—ତେବେ ଆମେ ଚଳନ୍ତି । ତୁ ଆଉ ଧିଙ୍ଗା ମୁଣ୍ଡ ଆଣି ରଖ ଦେ ।

ଖୁ— ତେବେ କେମିତି ଚଳେଇବ ? ଠାଦରେ ଗୁଡ଼ିଏ ଅଜା ପାହାଡ଼ ଦେଖିଛୁ । ଏଥି ଭିତରକୁ ଚୋଟିଏ ବାଟ । ହେଠାରେ ଛୁଇଁ ମାଛି ଚରିଷା ଲାଗିଛି । ଜଙ୍ଗଲୁ ଶିଘ ବଢ଼ି ଦେଖୁଛି । ତାହାର ଭିତରେ ଠାଏ ଠାଏ ଜଳୁଥାନ୍ତି । ତହିଁରେ ଦୁଇଟି ଗୁଣ୍ଡଅଡ଼େ ନଆଁ ଲାଗିଛି । ଖାଇବା ପିଇବା ତମର ଯେବେ ଥାଉଛି କି ଯାଉଛି । ଦୋଡ଼ ହାତ ପୂରୁଛି । ବାଳି ଦେଇ ଦଉଡ଼ିରେ ବାନ୍ଧି ଯେ ଟାଣି ଛୁଇଁଥିଲେ ତାହାର ଏତେ ଏତେ ଦାଗ । ତମେ ତ ଉଠେ ଚାହାଁ ଭିତି ନ ଥିବ ଧରି ଚଢ଼ ମାରି ଚଢ଼ିବ । ଏତେବେଳେ ସେ ରାଜାଙ୍କୁ ଗଲା ବା ଯେ ଧରି ନ ଥିବ କି ମାରି ନ ଚଢ଼ିବ ତାହା ଜାଣେଁ । ତେବେ ଆଉ ଧିଙ୍ଗା ମୁଣ୍ଡ କଥା କହୁଛ । ଯାଉଛି ତା ଦେଖେଁ । ତମେ ତୁମେଁ ଏଠି ଲୁଚି ଥାଅ । ଠାକୁରାଣୀ ଯାହା କରିବେ ।

ଏହା କହି ଖୁମା ଉତ୍ପରାଡ଼ି ହୋଇ ବାହାରିଲା । ମୁଣ୍ଡରେ ଭଣଜାଙ୍କ ଶାଢ଼ୀ । କପାଳରେ କଳା ବନ୍ଧା । ମୁହଁରୁ ମଦ ଗନ୍ଧ । ସନ୍ଧ୍ୟା ଦଣ୍ଡ ୨ ଆଉ ରାତି ଆଇଲା ଅଇଲା ପରି । ଏହାପରେ ରାମପୁରରେ ଖୁମା ବାହାରି କେଉଁଣି ଲୁଚିଗଲା । ତାହାର ବାଟ ଭାଇ ଛଡ଼ିଦେବାଲା ଭିତରେ ତୁମ ହୋଇ ମୁନଙ୍କ ପରି ବସି ରହିଲେ । କିଛି ଦେଖାଯାଉ ନାହିଁ କି ଶୁଣା ଯାଉନାହିଁ । ସେ ତୁହିଁଙ୍କ ଭବ ସମ୍ବନ୍ଧ ଯେ କେତେ ୨ ଜାଣନ୍ତି । କେହୁ କାହାରିକ ପ୍ରାନ୍ତି ଚିହ୍ନିଶିନାହାନ୍ତି । ଏହାପରେ କେତେ ବେଳ ଗଲା ଆଉ ସେପରି ରହି ପାରିଲେ ନାହିଁ । ଭିତି ତୁମେଁ ଛଡ଼ିଦେବାକି ତୁଆରକୁ ଆସି ବାହାରକୁ ଅନାଇଲେ ।

ଅନ୍ଧକାର ଗାଢ଼ତର ହେଲାଣି । ଦୂର ବାଟ ଦିଶୁ ନାହିଁ । ତାଙ୍କ ଯାହାବେଳୁ ଧର୍ମାର ଦେଖା ନାହିଁ । କଣ୍ଢ଼ା ଏଥାଙ୍କ ହାତ କଣ୍ଡି ହେବାର ନୁହେଁ । କିଛିକ୍ଷଣ ଠିଆ ହୋଇ ପୁନଶ୍ଚ ପୂର୍ବପରି ବସିଲେ । କିଛି ଦେଖା ଯାଉନାହିଁ । କେବଳ ଶୁଭୁଛି ଲୋକଙ୍କର ଯିବା ଆସିବା ଶବ୍ଦ । ମାଝରେ ବାଘାଡ଼େ ଭାକ ମଲ ମଲି କାନ୍ଦ । ଏଥି ଭିତରେ ମନଗହଣିଆ ଗୀତ ବି କାନରେ ପଡ଼ୁଛି । କିନ୍ତୁ ସେ ଗୀତକୁ ସାଧୁର ମନ ବା କାନ ଯାଉନାହିଁ । କିଛିକ୍ଷଣ ରହି ସେ ଧୀରେ ପୁଅକୁ ପଚାରିଲା "ଏତେ ବେଳ ଯାଏ ଧର୍ମା କାହିଁଗଲା ? ଧରା ପଡ଼ିଲା କି ? ମୁଁ କାହିଁକି ମୂର୍ଖ କଥା କହିଲି । ଏବେ ତ ସମସ୍ତେ ମରିବା । କାଲି ଯାହା ହେବାର ହବ ଆଜି ଘଣ୍ଟା ଚାରିଟେ ଏକାଠି ଥାଆନ୍ତୁ । ମୁଁ ନ ମଲି କାହିଁକି ?"

ବା—ବୋପା, କିଏ ମରୁଛି କିଏ ଜିଉଁଛି କିଏ ଜାଣେ ? ଧର୍ମା ନ ଥିଲେ ଆମେ ତ ମରିଥାନ୍ତେ । ଆଜି ମରିବାକୁ ଅଛି କଅଣ ?

ବାପ ପୁଅର କଥା ଶୁଣି ସାଧୁ ନୀରବ ହେଲା । ଦୁହେଁ ପୁନଶ୍ଚ ପୂର୍ବପରି ବସି ରହିଲେ । ଏହିପରି ଆଉରି କେତେକ୍ଷଣ ଗଲା । କିନ୍ତୁ ଏ ଥର ଖାଲି ସାଧୁ ବାପ ପୁଅଙ୍କୁ ଶୁଭେ ଶୁଭେ । ସାଧୁ ପୁନଶ୍ଚ କାନ ଡେରିଲା । କିନ୍ତୁ ନ କହି ବାଟୋଇର ବାପ ମୁହଁରେ ହାତ ଦେଲା । ତାହାର ତୁଣ୍ଡରେ କିଛି କଥା ନାହିଁ । ଦୁହେଁ କେବଳ କାନ୍ଦି କାନ୍ଦି ହେବାକୁ ଲାଗିଲେ । ଏହାପରେ କେତେକ୍ଷଣ ଗଲାରୁ ଦୁଆରବାଟେ ଆଉ ଲୋକ ଆସିଲା ପରି ଜଣାଗଲା । ବାପ ପୁଅ ଦୁହିଁଙ୍କର କାନ୍ଦି କାନ୍ଦି ରହିଗଲା । ସେମାନଙ୍କ ମନରେ କ ହେଲା ସେ ଦୁହେଁ ଜାଣନ୍ତି । ଇତିମଧ୍ୟରେ ଅନେକ ଭିତରକୁ

ଧରିଆସି ତୁନି କରି କହିଲା "ବୋପା" । ଏହା ବାହାରୁ ବାହାରୁ ସାଧୁ ପଚାରିଲା "ଶ୍ୟାମା"? ଶ୍ୟାମା ଉତ୍ତର କଲା "ଏତେ ରାତି କରନା, ଶୀଘ୍ର କାହିଁ ?"

ସା—କେଉଁଠି ବସିଛୁ; ତୋ କଥା ଆଗେ କହିଲୁ ?

ଶ୍ୟା—ଯାହା କହୁଥିଲି ତାହା କଲି । ସେ ଉକ୍ତଙ୍କୁ କାଟି ତାଙ୍କ ମୁଣ୍ଡ ପାଖରେ ଆଉ ଦିଟା ମଦ ମୁଣ୍ଡ ଆଣି ରଖିଦେଲି । କାଲି କଅଣ ହୋଇଛି ଦେଖ । ଆଜି ତୁମକୁ ସୁଖ କୁଆଡ଼େ ଯାଉନାହିଁ ।

ସା—"ଏବେ ତେ ନାଚୁ କି କିଛି ଟୋକମାନେ ହେଲେ ନାହିଁ ତ ?"

ଶ୍ୟା—ଆମ ଜାତି ଯେତେକ ମଦ ଖାଆନ୍ତି ତାହା ସମସ୍ତେ ଜାଣନ୍ତି । ରଜା ମଧ୍ୟ ସୁଖ ପାଆନ୍ତି ସମସ୍ତେ ଜାଣନ୍ତି । କଟାଳରେ କନା ଖଣ୍ଡିକ ବାନ୍ଧିଥିଲି । ଶାଢ଼ୀଟାରୁ ମୁଣ୍ଡରୁ ପିନ୍ଧାଇବାକୁ ଭୁଲି ଯାଇଥିଲି । ଆଜି କାଲି ମଜା ମଣିଷ ଦେଖିଁ ଅପୂର୍ବ !! ଏ ତ ସବୁ ହୋଇଗଲା । ତେବେ କାଲି ସକାଳୁ ରଜା ଆସିଲୁ ଦେଖନ କି ହେଉଛି ଦେଖାଯାଉ । ଯେତେବେଳେ ନୂଆଁଉଁକୁ ପାଣି ବରଷିବ ପିଆଉଁକୁ ଛତା ଧରିବା । ଆଜି ରାତିରେ ଆଉ ସେ କଥା ନାହିଁ । ସତଟା ହେଲେ କେବେହେଁ ଏମିତି ରହିବା ।

ଏତେ କହି ଉଦାରରେ ଶ୍ୟାମା ପୁଣି ମଦ ବାହାର କଲା । କେବେହେଁ ନ ପିଇଲେ । ତେ କଥା ଚଟାଇଦାଇ ଦେଲେ । ମଦ ଆଗରେ ହୋଇଗଲେ । ବହୁକାଳ ପରେ କେବେହେଁ ଏମିତି ହେବା ସୁଖ ସବୁରି ମନ ସ୍ୱଦେଶୁ ଅଧିକାର କଲା । ସମସ୍ତେ ନିଦକ । ଅନେକ ମନଲ ନିଦ ଭଙ୍ଗାଉଥାଏ । ସମସ୍ତେ ନିଦକରେ ଶୋଇ ଗଲେ ।

ବାପ ଭାଇଙ୍କ ମଧ୍ୟରେ ଶ୍ୟମା ଏକାକୀ ପ୍ରତିପାଳନ କରୁଥାନ୍ତି । ରାଜା ପ୍ରଜା ଉଭୟଙ୍କ ଆଖିରେ ଧୂଳି ଦେବା ଆଶାରେ ମଲ୍ଲ ନଈଙ୍କ ମୁଣ୍ଡ ଆଣି ରଖିଦେଲା । ବାପଭାଇ ଏଥିର ପ୍ରତିବାଦ ନ କରି ତାହା ଅନୁମୋଦନ କଲେ । ଏହା ସାଧାରଣ ସାହସର କଥା ନୁହେଁ । ଠାକୁରାଣୀଙ୍କ ଅବସ୍ଥା ବ୍ୟତୀତ ସେମାନଙ୍କର ଆଉ କିଛି ନାହିଁ । ପୁଣି ଏଥିପାଇଁ ଠାକୁରାଣୀ ମାରିବେ କି ତାରିବେ ଜଣା ନାହିଁ । ପର କାଳରେ ଏହା ନ୍ୟାଯ୍ୟ ବିବେଚିତ ହେଉ କି ନ ହେଉ, ପାପ ବିବେଚିତ ହେଉ, କି ପୁଣ୍ୟ ବିବେଚିତ ହେଉ ଗୀତ ତାହାରେ ରାଜା-ପ୍ରଜା ଉଭୟଙ୍କ ଶଗୁର ପ୍ରକାଶ ପାଇବ । ସେମାନଙ୍କ ମଧ୍ୟରେ ଶ୍ୟମା ଆଉ ତାହାର ବାପ ଭାଇଙ୍କି ଜଣା ।

ରାଜା ହରିଚନ୍ଦନ ମର୍ଦ୍ଦିରାଜଙ୍କର ମାତୃ ମମତା ଅଛି କି ନା ତାହାସବୁ ତାଙ୍କ ନ୍ୟାଯ୍ୟାନ୍ୟାଯ୍ୟ ଧର୍ମାଧର୍ମ ଜ୍ଞାନ ଆଉ ବିଶ୍ୱାସକୁ ବଳି ପ୍ରବଳ କି ଦୁର୍ବଳ ଓ ସେ ଶ୍ୟମା ହାତରେ ତାହା ବାପଭାଇଙ୍କ ମୁଣ୍ଡ କଟାଇ ଥାଆନ୍ତେ କି ନା ସେମାନେ ଜାଣନ୍ତୁ । ଆଜ୍ଞା ପାଳନରେ ଯୁକ୍ତି ହେବାକୁ ସେ ପ୍ରସ୍ତୁତ କି ପ୍ରସ୍ତୁତ ଅବସରେ ପ୍ରକାଶ ପାଇବ ! ତାହା ଦେଖା ନୋହିବା ଯାଏଁ ଅନ୍ୟ କେହି କିଛି କହି ନ ପାରେ ! ତଥାପି ଏହା ଭାରତ ଜନସମାଜର ଗୁଣ । ଟିକ୍ରୁ ଅତୀତରେ ପରଶୁରାମ ନୃପଘାତି ଶତସ୍ୱୀ ଜନନୀଙ୍କର ଶିର ଚ୍ଛେଦନ କରିଥିଲେ । ଧର୍ମ ପାଇଁ ରାବଣ ଆଉ ଇନ୍ଦ୍ରଜିତଙ୍କ ନିଧନର ଗୂଢ଼ ରହସ୍ୟ ବିଭୀଷଣ ବତାଇ ଦେଇଥିଲେ । ସେହି ପୁରୁଷୋତ୍ତମ ସୀତାଙ୍କ ପାଇଁ ସମୁଦ୍ର ବନ୍ଧନ, ଲଙ୍କା ଦହନ ପ୍ରଭୃତି, ପ୍ରଜାରଞ୍ଜନ ପାଇଁ ପୁଣି ଦେଶାଚାରରେ ସେହି ସତୀ ସାଧ୍ୱୀ ରାଜ-ପ୍ରାସାଦରୁ ନିର୍ଜନ ଅରଣ୍ୟକୁ ବିତାଡ଼ିତ । ପୁଣି ଶାସ୍ତ୍ରର ଅନୁରୋଧରେ ସେହି ରାମଚନ୍ଦ୍ର ସୁବର୍ଣ୍ଣ ସୀତା ନିର୍ମାଣ କରାଇଥିଲେ,

ଅନୁବାଣି ହେଲେ ପରମେଶ୍ୱର ମୋହିଲେ । ପୁଣ୍ୟ ଅପରାଧ ନବ କୁଳଙ୍କ ଦର୍ଶନରେ ଦେଶ ସମ୍ପଦଙ୍କର, ବାଲ୍ୟର ସଂସାର ।

ଏହା ସବୁ ଜଣା ଶୁଣା ଥିଲେ ବି ତାହା ସମ୍ବନ୍ଧ ଚେଷ୍ଟା ନାହିଁ ସେ କାର୍ଯ୍ୟରେ ଅଣାଗ୍ରହ ନାହିଁ । ବରଂ ତାହାର ବିପରୀତ ଘଟଣା ଦେଖାଯାଏ । ଭାଇ ପୁରୁଷୋତ୍ତମ ଖୁଡୁଡା ପୁଅ ଭାଇର ଶଳାର ମାମୁଁଙ୍କ ପୁଅଟିର ମାୟା ମମତା ନ୍ୟାୟ୍ୟ ଦୃଷ୍ଟିରୁ ବୋଲି ବିବେଚିତ ହୋଇଥାଏ । ଏପରି ସମ୍ପର୍କ ନ୍ୟାୟ୍ୟ ବିଷୟର ସମ୍ପୂର୍ଣ୍ଣ ବିରୋଧୀ ବୋଲି ବହୁ ୨ ଥର ମାନଣ ଜ୍ଞାନ ପ୍ରକଟ କରି ଥାଆନ୍ତି । ସେବେଠାରୁ ଉତ୍ତମ ବିଦ୍ୟବ୍ୟକ୍ତିରେ ବିଷୟ କାର୍ଯ୍ୟର ଦୃଷ୍ଟାନ୍ତର ପାଇଁ ପ୍ରଚୁର କାରଣ ଗଣା ହୋଇ ବନ୍ଧୁରଙ୍କ ଅନୁଗ୍ରହ ବିବେଚିତ ହେବା ଯଥାର୍ଥ ଦେଖା ଆଉ ଶୁଣା ଯାଇଥାଏ । ଦୂର ବା ନିକଟ ସମ୍ପର୍କର ମାୟା ମମତା ନ୍ୟାୟ୍ୟ ଆଉ ଧର୍ମ ବିଷୟର ଏକ୍କା ବାଧ୍ୟତା ବୋଲି ପରିଗଣିତ ହେଉଥିଲା ପୁଣି ଜଗଦ୍‌ପିତା ପରମେଶ୍ୱରଙ୍କୁ ପରମ ପିତା ଜ୍ଞାନରେ ଜାତିକୁଳ ନିର୍ବିଶେଷରେ ମନୁଷ୍ୟ ସବୁ ଭକ୍ତିର ସମ୍ବୋଧିତ ହୋଇଥାନ୍ତି । ସେହି ମାୟାଜାଲ ବିସ୍ତାର କରିବା ବେଳେ ଚେଷ୍ଟାରେ କେହି ୨ ପ୍ରକୃତ ପୁଷ୍ଟି ଦେଇ ନାହିଁ, ଭାଇ ଭଉଣୀ ନିକଟ ପରମାର୍ଥ ବିବେଚିତ ହୋଇ ସମ୍ପୃକ୍ତ ବିବର୍ଜିତ ହୋଇ ଥାଆନ୍ତି । ଏହା ବିନା ବାହାନା ବାସନା କାମନା ମଧ୍ୟରୁ ସାମ୍ନାରେ ଦେଶ, ପ୍ରଦେଶ, ବା ମହାଦେଶ ଈଶ୍ୱର ସବୁ ନାହିଁ ଗୁପ୍ତ ଭକ୍ତିର ପଥରେ ଅବଶ୍ୟ ହେଲାରୁ ସତ୍ୟପାଠ, ସତ୍ୟ ପ୍ରତିଜ୍ଞା ଶପଥ କରେ ହେବ ଓ ନ୍ୟାୟ ଓ ଧର୍ମର ଉପସ୍ଥାପନରେ କେତେ-ମାନେ ବଞ୍ଚିବେ ଯେଉଁମାନେ ଜୀବନରେ ଥିବେ ସେମାନେ ଦେଖିବେ, ଶୁଣିବେ, କିନ୍ତୁ ବର୍ତ୍ତମାନକୁ ଏହା ବିଷମ ସମସ୍ୟା । ଏହା ଆଜିକୁ ନ ଯାଇ ସୀମା ଓ ତାହାର ବାହାର ରହି ନିର୍ଣ୍ଣୟରେ ନିଆଯିବେ ।

# ସପ୍ତମ ପରିଚ୍ଛେଦ

ହିମ କାଳ ବୋଲି ବୋଲାଯାଉଥାଏ । ଏଥିରୁ ଶୋଭା ପ୍ରକାଶ ପାଏ, ଏ ସମୟରେ ଯାନ ବନ୍ଦ ସମସ୍ତେ ଘରେ ବାହାରେ ଅଗ୍ନିସ୍ୱାବଲମ୍ବି । ନାନା-ଧାତୁ ଅନ୍ତେ ଶୀତକୁଳ ଏକ ବୃକ୍ଷ ସମବେତ । ରୋଗୀର ସାହାଯ୍ୟ ପାଇଁ ଏକତ୍ରିତ । କୋଟ୍, ଟଣ୍ଡ, ଶେଲୀ, ମୋଜା ଗୋଡରୁକ୍ତ । ଶୀତକୁଞ୍ଚିତ ପାନ୍ଥ ଯୋଗୀମାନେ ଅଗ୍ନିସ୍ତୁ କୁଟୀରରେ । ପ୍ରୀତି କୋକିଳର କୁଜନ ନାହିଁ କି ଭ୍ରମରର ଗୁଞ୍ଜନ ନାହିଁ । ଧରଣୀ ନୀରବ ନିସ୍ତବ୍ଧ । କପୋତଙ୍କ ନିର୍ଜନକୋଣରେ ଚାରିଦିଗ ପରିପୂର୍ଣ୍ଣ । ଏହି କାଳରେ ଭୂତପ୍ରେତ ଡାକିନୀ ଯୋଗିନୀଙ୍କର ଲୀଳାଖେଳା ବୋଲି ଜଣାଶୁଣା । ବ୍ୟାଘ୍ର ଭଲ୍ଲୁକ ପ୍ରଭୃତିଙ୍କ ଭୟଙ୍କର ନାଦରେ କାନନ ପ୍ରକମ୍ପିତ । ସେମାନଙ୍କ ଆମୋଦ ପ୍ରମୋଦ ପାଇଁ କେବଳ ୨ ପ୍ରାଣୀଙ୍କର ପ୍ରାଣବାୟୁ ନିଃଶେଷ । ରୋଗୀମାନଙ୍କ ବାଟଘାଟ ପାଇଁ ଏ ଦୁଃସହ କାଳ । ଅଟ୍ଟାଳିକା କୁମାରୀର ସଙ୍ଗେ ରାତ୍ର ଦୀର୍ଘ । ଧନୀ ଗର୍ବସ୍ଫୀତ । ଏପରି ଦାରିଦ୍ର୍ୟପୂର୍ଣ୍ଣ

ହେଲେହେଁ ଭୂମିରେ ଦେହରେ ନିଦ୍ରାର ଗଣ ଭୂଇଁରେ ଏଥି ଶଯ୍ୟାର ସ୍ପର୍ଶ ୨ ଜଣ ୨ ନାହିଁ । ଅଣୁର ଦେହାଭାବ ନାହିଁ, କମାଣର ବଜ୍ରନିନାଦ ନାହିଁ । ସୁଧା ଶୋଣିତ ପିପାସୁ ଜାଗି ହୋଇଥିତ । ଅଦୂରେ କର୍ଣ୍ଣ ଦ୍ରୋଣ ପ୍ରଭୃତିଙ୍କ ପରି ଯୁଦ୍ଧରେ ବିଦ୍ୟମାନ ଥିଲେହେଁ ଭୀମାର୍ଜୁନଙ୍କ ପରି ମଧ୍ୟ ଧନୁର୍ଦ୍ଧରମାନେ ମାତୃଅଙ୍କରେ ଦୁଗ୍ଧପୋଷ୍ୟ ଶିଶୁ ପରି ନିଦ୍ରାଭିଭୂତ । ନିଶା ଦେବଙ୍କ ପରି ଶଙ୍କରଙ୍କ ପ୍ରସାଦ ପାଇଁ ଯୋଗୀ ତ୍ୟାଗୀ ବୈରାଗୀ ଯେଉଁ ଜାଗରଣ ଦେହରେ ଲଭାନ୍ତି । ସେହି ପ୍ରସାଦରେ କାମ କ୍ରୋଧ ଲୋଭ ମୋହ ପ୍ରଭୃତିର ବିରାମ । ଏହି ଯଜ୍ଞର ସ୍ରୋତ ଅନବରତ ବହୁଥିଲେ ଏ ଜଗତ କି ହୋଇଥାନ୍ତା ବୋଲିହେବ ନ ପାରେ । ନିଦ୍ରାଦେବୀ ପ୍ରକୃତିର ଅଦ୍ଭୁତ ବାଞ୍ଛନୀୟ ସୃଷ୍ଟିଜାତ । ପୁଣି ଏହି ଦେବୀଙ୍କ ଦାନ ପାଇଁ ନିଦ୍ରାଦେବୀ ନଖକୁଞ୍ଜ, କୁଞ୍ଜମଣ୍ଡଳ, ପ୍ରାସାଦେ, କୁଟୀରେ, କଣ୍ଟକଶଯ୍ୟାରେ, ଗଜଦନ୍ତ ପଲଙ୍କରେ ଅଭେଦ ଅଭେଦ ଉପସ୍ଥିତ । ତାଙ୍କ କରକମଳ ସ୍ପର୍ଶରେ ଚିନ୍ତାକୁଳ ବହୁଦୁଃଖୀ ନିଜନିଜ ଦୁଃଖ, ଚିନ୍ତା, କ୍ଳାନ୍ତି, ଭ୍ରାନ୍ତି ବିସ୍ମୃତ । ତଥାପି ତାଙ୍କ ଶ୍ରୀଚରଣଙ୍କୁ ଜଣବାକୁ କେହି ୨ ସମର୍ଥ । ସେମାନେ ପ୍ରକୃତିସ୍ଥ ହେଉନ୍ତୁ ବା ନ ହେଉନ୍ତୁ ସେମାନେ ସାଧାରଣତଃ ବଡ଼ ୨ ଲୋକ । ଉଦାହରଣ ସେନାପତି ପ୍ରଭୃତି ନିଶୀଥରେ ଜାଗ୍ରତ, କାର୍ଯ୍ୟରତ ।

ରଣରେ ଶାନ୍ତି ପାଇ ଥିଲେ ବି ଭୀମର ସେପରି ଚିନ୍ତା ନାହିଁ । ବାପ ଭାଇଙ୍କ ସହିତ ନିଜ ମୁଣ୍ଡକୁ ପାଣି ଉପରେ ଠାକୁରାଣୀଙ୍କ ଛାମୁ ଉପରେ ସବୁ ଛାଡ଼ି ଦେଇଛନ୍ତି । ଯାହା କରନ୍ତୁ ବା ପରଦିନ ପ୍ରତ୍ୟୁଷରେ ଯାହା ହେବ ତହିଁ ପାଇଁ କୌଣସି ଭାବନା ନାହିଁକି ଭାବନା ନାହିଁ । ପରନ୍ତୁ ବାପ ଭାଇ ଏ ସେପରି ଏଣ୍ଣା କହିବା ବାକ୍ୟ ମାତ୍ର । ଏମାନେ ଠାକୁରାଣୀ ସର୍ବସର୍ବା ବୋଲି ଜାଣନ୍ତି

କରନ୍ତି । ସେ ମାନେବ ନ ଭାଷିବେ ସେମାନଙ୍କ ମନ୍ତ୍ର କେହି ଜାଣନ୍ତି ନାହିଁ । କିନ୍ତୁ ସେମାନେ ଜାଣନ୍ତି ଯେ "ଯାହାକୁ ରକ୍ଷିବେ ଅନନ୍ତ କାଳ କରିବେ ବଳବନ୍ତ"; ଠାକୁରାଣୀଙ୍କର ଅନୁଗ୍ରହ ହେଲେ କେହି ନାଆଁରେ ଡାକିବେ ନାହିଁ କି ଚାଳିରେ ଘୁଞ୍ଚିବେ ନାହିଁ । ସେ ବାମ ହେଲେ କେହି ମୁହଁ ଟେକି ରହି ପାରିବେ ନାହିଁ । ତାଙ୍କ ଅନ୍ତ କଳା ଅଛି କେହି ପାଇ ନାହିଁ । ଏପରି ଧର୍ମ ଭୀରୁ ଭକ୍ତ ମନ ଅଧି-ଷ୍ଠାନରେ ଦିନରାତି କାର୍ଯ୍ୟତତ୍ପର ରହି ସଦା ସତର୍କ ଚଞ୍ଚଳ ହେବା ଉଚିତ, ତାହା ଭ୍ରମା ପରି ଲୋକେ କମ୍ପା ରାଜା, ମନ୍ତ୍ରୀ ପ୍ରଭୃତି ଜାଣନ୍ତି ।

କିନ୍ତୁ ଦେଖାଯାଏ ଶୁଣାଯାଏ ଯେ ଜଗଦେବଙ୍କ ସମୟ ଦେଶପାଳି-ଅନ ଯାକ ସବୁ କାମ କରୁଥିଲେ । କେତେଥର ସୁବିଧାରେ ନିନ୍ଦା ସହଜ ଲଙ୍ଘ ହୋଇ ନାହିଁ । ସେ ଯାହା କହି ଦେଇ ଠିକ୍ କରୁଥିଲେ ତାହାର ଫଳ ଭାବିବା ଦରକାର ମନେ କରୁଥିଲେ । ଜଗଦେବଙ୍କ ! ତାଙ୍କର କାଣ୍ଡକାରଖାନା ପରି ଜଣା ଯାଉଥିଲେ । ତାଙ୍କ ବିଦ୍ୟା, ବୁଦ୍ଧି, କଳା-କୌଶଳ, ଧର୍ମ ଅଧ୍ୟବସାୟ, ପରିଶ୍ରମ, କାର୍ଯ୍ୟଦକ୍ଷତା ପ୍ରଭୃତିରେ ଜଗତ ତାଙ୍କର ଗୁଣରେ ମୁଗ୍ଧ ଚକିତ ହୋଇଥିଲା । ସେଥିରେ ସିଦ୍ଧି ଧର୍ମକର୍ମରେ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଥିଲା । ନିଜକାର୍ଯ୍ୟରେ ବାହାର ରାଜ୍ୟରୁ ଉତ୍ସାହିତ ହୋଇ ଶତ୍ରୁପକ୍ଷୀ ମହାରାଜାମାନଙ୍କୁ ମନ୍ତ୍ରି-ପରିମିତ ବୁଦ୍ଧିକୌଶଳରେ ବଶୀଭୂତ କରିବାରେ ସେହି ଜାଣିଲେ । ଏଥିରେ ଦୃଷ୍ଟି ତାଙ୍କର ବୁଦ୍ଧିବଳରେ ପ୍ରଶଂସନୀୟ ହୋଇଥାଏ ।

ଭ୍ରମା ଓ ତାହାର ବାଲକର ମୂର୍ତ୍ତି ଆଉ ଅବସ୍ଥାମାନେ ପରିବର୍ତ୍ତନ ହୋଇ ଯାଉନ୍ତି । ଏହା ମନୁଷ୍ୟର ଧର୍ମ । କିନ୍ତୁ ସେ ହୃଦୟରେ ମାତା, ଶାନ୍ତି, ଦୟା, ମାୟା, କ୍ଷମା ପ୍ରଭୃତି ଗୁଣ ସଦା ସ୍ଥିର ଥିବା ତାଙ୍କ ଦେହର ଧନ, ମାନ, ଶକ୍ତି, ମୂର୍ତ୍ତି ସବୁରି

ଅଗଣାଗର । କେହି ବସ୍ତ୍ରର ପାଇଁ ଧର୍ମ ଭୁଲି ସ୍ୱାର୍ଥରେ ମଜ୍ଜନ୍ତି । ମୁଁ ସେମାନଙ୍କୁ ଜଣେ ଖାସ କାର୍ଯ୍ୟ ଦେଉଛି, ଅନ୍ୟ ଲୋକକୁ ଧର୍ମ କର୍ମ କରୁଛି । କେହି ଗୃହସ୍ଥାଶ୍ରମରୁ ମୋକ୍ଷପଥ ମାଗୁଛି । କେହି ସ୍ୱଜନ ପରିତ୍ୟାଗୀ ହୋଇଅଛି । କେହି ସନ୍ଧ୍ୟା ବା କେହି ଜପ କରୁଛି । କେହି ଯାଗାଦି କେହି ବା ନିତ୍ୟକର୍ମ ଦେଉଛି । ଏହିପରି ଯେ ଯାହା କରୁ ବା କରୁ, ବିଶ୍ୱପତିଙ୍କ ଲୀଳାଦିକୁ ଜାଣିବାକୁ କେହି ନାହିଁ କାହାଁ । ତାଙ୍କ ନିକଟରେ ସ୍ତୁତିଏ ଏବଂ ଯୋଗାଯୋଗ କରିବାକୁ କେହି ସକ୍ଷମ ନୁହଁ । ଏ ସବୁ କଥା ଅଭେଦ୍ୟ ଅଦୃଶ୍ୟ । ଯାହା ପାଇଁ ମନୁଷ୍ୟ-ଜଗତର ଆନୁଷ୍ଠାନିକ, ବୈଦିକ ବୈଦିକ ତର୍କିକ ତାହାର ବଳ ନାହିଁ କି କଳ ନାହିଁ । ସାଂଖ୍ୟବାଦୀମାନେ ଶତ ଶତ ଅନୁସନ୍ଧାନରେ ବିଧାନର ଖଣ୍ଡନ କରନ୍ତି । ମୁଁ ଦେଖୁଛି ନରରେ ମହାପ୍ରାଣୀ ତାହାର ଗର୍ଭରେ ଅବସ୍ଥିତ । କେତେ କେତେ ସମ୍ପ୍ରଦାୟ ଭ୍ରମରେ ପଡ଼ି ସମ୍ପ୍ରଦାୟ ପର କାର୍ଯ୍ୟ କରନ୍ତି । ମୁଁ ସମସ୍ତଙ୍କୁ ଉପସ୍ଥିତ କରି ଦେଖିନାହିଁ କେତେ କେତେ ସ୍ୱଧର୍ମ ଧର୍ମ ଭ୍ରଷ୍ଟକାରୀ କରୁଛନ୍ତି । କେତେ କେତେ ଦେଶ ବାହାରି ଯାଇ କରୁଛନ୍ତି । କେତେକ ଦେଶର ନରନାରୀ ରାଗରେ ଧର୍ମ ସମ୍ପ୍ରଦାୟରେ ନିକ୍ଷେପ କରୁଅଛନ୍ତି । ଆଜି ପରେ ଦେଶ କିଏ ଅଛି, କାଲି କେ ଦେଖିବ ସେ ହୋଇଅଛି । ଧର୍ମର ଗ୍ରନ୍ଥମାନଙ୍କୁ ଅନୁଶୀଳନ ଚେଷ୍ଟା କରୁଛନ୍ତି । ଶ୍ରୀକୃଷ୍ଣ ଅର୍ଜୁନଙ୍କ ଅର୍ଥରୁ ସ୍ୱଜନଙ୍କ ନିଧନ ପାଇଁ ଭଗବଦ୍ଗୀତା କହୁଛନ୍ତି । ଏପରି ଶେଷରେ ସୁଖ ଓ ତାହାର ବାସନାର ପୁଣି ଅଧିକ ନିଜ ଯାଇ ଉଦ୍ଧାର କି ମନ କଲେ ତାହା ଶାସ୍ତ୍ରକର୍ତ୍ତା ଜାଣନ୍ତି । ବିଶ୍ୱରେ ଯାହାର ଯାହା ହେଉ, କୁଆଡ଼େ କି ଧର୍ମ ତାହାର ଜୀବନ ପାଇଁ ଅପେକ୍ଷା କରନ୍ତୁ ନାହିଁ । ଆପଣା ବେଳରୁ ଚେତ ଆପଣଙ୍କୁ ବୁଝନ୍ତୁ ନାହିଁ ।

ସୁତରାଂ ଶ୍ୟାମା ବା ତାହା ବାପଭାଇଙ୍କର କି ହେବ ତାହାଁ ପ୍ରତି ଭ୍ରୂକ୍ଷେପ ନ କରି ବୃଦ୍ଧିବେଶୀ ଯଥାସମ୍ଭବରେ ଟିଗିରିଦୁର୍ଗରୁ ପ୍ରସ୍ଥାନ କଲେ । ତାଙ୍କ ଅନୁଚରୀ ନିଦ୍ରା ମଧ୍ୟ ଅଧିକ କ୍ଷଣ ଅଟକାଇ ରଖିଲେ ନାହିଁ ।

